OPEN ACCESS

*Ind. Jr. of Mod. Res. and Rev* | *PEER-REVIEWED JOURNAL* | *Volume 4 Issue 1 [Jan] Year 2026*

# Indian Journal of Modern Research and Reviews

**This Journal is a member of the *'Committee on Publication Ethics'***

**Online ISSN:**2584-184X

***Research Article***

# ଓଡ଼ିଆ କବିତାର ଚିଦାକାଶରେ ଏକ ସ୍ୱତନ୍ତ୍ର ଆଭା - କବି ବିଦ୍ୟୁତପ୍ରଭା

**ଆଲୋକ ରଞ୍ଜନ ଷଡଙ୍ଗୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବାଜିରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳ, ଓଡ଼ିଶା, ଭାରତ

**Corresponding Author:** *ଆଲୋକ ରଞ୍ଜନ ଷଡଙ୍ଗୀ

**DOI:** https://doi.org/10.5281/zenodo.20407154

**ସାରାଂଶ**

କବିତାର ଇତିହାସରେ କବି ବିଦ୍ୟୁତପ୍ରଭା ଦେବୀ (୧୯୨୩-୧୯୭୭) ଜଣେ ସ୍ୱତନ୍ତ୍ର ଓ ବହୁମୁଖୀ ପ୍ରତିଭା। ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ଦଶକରେ (୧୯୪୭-୧୯୫୭) ଅତ୍ୟଧିକ ସକ୍ରିୟ ଥିବା ଏହି କବୟିତ୍ରୀ ଜାତୀୟତାବାଦ, ପଲ୍ଲୀଜୀବନ, ପ୍ରକୃତି, ରୋମାଣ୍ଟିକ୍ ପ୍ରେମ, ସାମାଜିକ ପ୍ରତିବାଦ, ମାନବବାଦ ଓ ଆଧ୍ୟାତ୍ମିକତାର ବିଭିନ୍ନ ଧାରାକୁ ନିଜ କବିତାରେ ସଫଳତାର ସହିତ ସମ୍ମିଳିତ କରିଛନ୍ତି। ତାଙ୍କ ପ୍ରଥମ ଦଶକର ରଚନାଗୁଡ଼ିକ ('ସବିତା', 'ଉତ୍କଳ ସାରସ୍ୱତ ପ୍ରତିଭା', 'କନକାଞ୍ଜଳି', 'ମରୀଚିକା', 'ବିହାୟସୀ', 'ବନ୍ଦନିକା', 'ସ୍ୱପ୍ନଦୀପ', 'ଝରାଶିଉଳି' ଆଦି) ତାଙ୍କ ପ୍ରତିଭାର ପରିପୂର୍ଣ୍ଣ ପରିଚୟ ଦିଏ। ପରବର୍ତ୍ତୀ ସମୟରେ ଶିଶୁ ସାହିତ୍ୟ ଓ ଆଧ୍ୟାତ୍ମିକ ରଚନା ପ୍ରତି ମୋଡ଼ ନେଇଥିଲେ ମଧ୍ୟ ତାଙ୍କ ପ୍ରଥମ ପର୍ଯ୍ୟାୟର କବିତା ଓଡ଼ିଆ ସାହିତ୍ୟରେ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଲେଖକ ଚିତ୍ତରଞ୍ଜନ ଦାସଙ୍କ ଉଦ୍ଧୃତି ସହିତ ପ୍ରବନ୍ଧରେ ବିଦ୍ୟୁତପ୍ରଭାଙ୍କୁ 'ନାରୀ କବି' ଆଖ୍ୟା ଦେବାର ପୁରୁଷତାନ୍ତ୍ରିକ ଦୃଷ୍ଟିକୋଣର ସମାଲୋଚନା କରାଯାଇଛି। ସର୍ବୋପରି, ସହଜ ଭାଷା, ଛନ୍ଦର ସହଜ ପ୍ରବାହ ଓ ହୃଦୟଗ୍ରାହୀ ଅନୁଭୂତି ତାଙ୍କ କବିତାର ମୁଖ୍ୟ ବିଶେଷତ୍ୱ।

**Manuscript Information**

- **ISSN No:** 2584-184X
- **Received:** 06-11-2025
- **Accepted:** 23-12-2025
- **Published:** 18-01-2026
- **MRR:**4(1); 2026: 255-264
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଆଲୋକ ରଞ୍ଜନ ଷଡଙ୍ଗୀ. ଓଡ଼ିଆ କବିତାର ଚିଦାକାଶରେ ଏକ ସ୍ୱତନ୍ତ୍ର ଆଭା - କବି ବିଦ୍ୟୁତପ୍ରଭା. Indian J Mod Res Rev. 2026;4(1):255-264.

**Access this Article Online**

www.mrrjournal.in

**ପ୍ରମୁଖ ଶବ୍ଦାବଳୀ:** ବିଦ୍ୟୁତପ୍ରଭା ଦେବୀ, ନାରୀକବି, ଓଡ଼ିଆ କବିତା, ଜାତୀୟତାବୋଧ, ପଲ୍ଲୀଜୀବନ।



© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## 1. INTRODUCTION

**।ଏକ।**

**ଛନ୍ଦରେ ତୁମ ନିର୍ଝର ପଛେ ବହୁ**
**ଏତିକିରୁ ଏବେ ଲେଖନୀ ଅଚଳ ରହୁ !**
**ନିଃସ୍ୱର ଯେଉଁ ଚିନ୍ତାରେ ନାହିଁ ଥାନ**
**ବିଶ୍ୱରୁ ବେଗେ ନିଭୁ ସେ କବିର ଗାନ। [ବିଳାସୀ କଳ୍ପନା]**

ଆଲୋଚନା ଚିତ୍ତରଞ୍ଜନ ଦାସଙ୍କ ବିଚାରରୁ ଆଲୋଚନା କରିବା। ବିଦ୍ୟୁତପ୍ରଭା ସ୍ମରଣିକା କମିଟି, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'କବି ବିଦ୍ୟୁତପ୍ରଭା' ପୁସ୍ତକର ସମ୍ପାଦକୀୟରେ ଲେଖିଛନ୍ତି - "ଓଡ଼ିଶାରେ କବି ବିଦ୍ୟୁତପ୍ରଭାଙ୍କ କଥା ପଡିବା ମାତ୍ରେ ଆମ ପୁରୁଷ ଲେଖକ ଏବଂ ପୁରୁଷ ସାହିତ୍ୟିକ ମାନଙ୍କର ଆଗ ନାରୀ କବି ବିଦ୍ୟୁତପ୍ରଭାଙ୍କ କଥା ମନେ ପଡ଼ିଯାଏ। ସିଏ ଆମ କଳ୍ପନାର ଆଖି ଆଗରେ ଆଗେ ଜଣେ ନାରୀ ହୋଇ ଦିଶନ୍ତି, ତାପରେ ଯାଇ କବି ହୋଇ ଦିଶନ୍ତି। ଆଗ ଲଳନା ହୋଇ ଦିଶନ୍ତି, ଅବଳା ହୋଇ ବି ଦିଶନ୍ତି। ତାଙ୍କୁ ତୁଳନା କରିବାକୁ ବାହାରିବା ମାତ୍ରେ ଆମେ ଆଗ କୁନ୍ତଳା କୁମାରୀଙ୍କ ପାଖକୁ ବାହାରିଯିବାକୁ ମନ କରିଥାଉ। ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍କାର ମଧ୍ୟରେ ବଢ଼ି ଆସିଥିବାରୁ ଓ ସେହି ସଂସ୍କାରଟା ମଧ୍ୟରେ ପଡ଼ି ରହିବାକୁ ଆମେ ଋଦ୍ଧି, ସିଦ୍ଧି ଓ ଲାଭ ବୋଲି ମନେ କରି ଆସିଥିବାରୁ ଆମେ ବି ନିଜକୁ ଆଗେ ପୁରୁଷ ବୋଲି ମନେ କରି ଆସିଛୁ ଓ ତାପରେ ଯାଇ ଆପଣାର କବିପଣ ଓ ଲେଖକପଣଗୁଡ଼ାକର ବିଚାର କରିଛୁ ଓ ତାହାକୁ ହିଁ ଉଚିତ ପୌରୁଷବୋଲି ବିଚାରି ଆସିଛୁ।" ଏହା ନିରାଟ ସତ କଥା। କେବଳ ଯେ ବିଦ୍ୟୁତ ପ୍ରଭା ଦେବୀଙ୍କ କ୍ଷେତ୍ରରେ ଏମିତି ହୁଏ ତାହା ନୁହେଁ ଅନ୍ୟାନ୍ୟ ଲେଖିକାଙ୍କ କ୍ଷେତ୍ରରେ ମଧ୍ୟ ଏହି ଦୁଇଟି କଥା ଆପେଆପେ ଆଗକୁ ଆସେ। ପ୍ରଥମତଃ 'ନାରୀକବି'ର ଉପାଧି, ଦ୍ୱିତୀୟରେ କୁନ୍ତଳାକୁମାରୀ ସାବତଙ୍କ ଛାୟାଲୋକରେ ମୂଲ୍ୟାଙ୍କନ କରିବାର ପ୍ରବଣତା। ବିଦ୍ୟୁତପ୍ରଭାଙ୍କ ସମ୍ପର୍କିତ ନବେଭାଗ ଲେଖାରେ କୁନ୍ତଳା କୁମାରୀଙ୍କ ନାମ ଉଲ୍ଲେଖ କରାଯାଇଛି ଏହା ତାର ପ୍ରମାଣ। ଚିତ୍ତରଞ୍ଜନ ଦାସ କହିଲା ପରି କେବଳ ଯେ ପୁରୁଷ ଲେଖକ ଏମିତି କହିଛନ୍ତି ତାହା ସତ ନୁହେଁ ମହିଳା ଲେଖିକାମାନେ ମଧ୍ୟ 'ନାରୀକବି' ସମ୍ବୋଧନକୁ ନିସଂକୋଚ ଭାବରେ ବ୍ୟବହାର କରିଛନ୍ତି। କୌତୁହଳର ବିଷୟ ହେଉଛି ବିଦ୍ୟୁତପ୍ରଭା ଦେବୀଙ୍କ ପୁତ୍ର ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ 'ଅନ୍ୟ ଦୃଷ୍ଟିରେ ବିଦ୍ୟୁତ ପ୍ରଭାଦେବୀ' ପୁସ୍ତକରେ ଚିତ୍ତରଞ୍ଜନ ଦାସଙ୍କ ଗୋଟେ ଲେଖା ପ୍ରକାଶପାଇଛି। ତାର ଶୀର୍ଷକ ହେଉଛି **'ନାରୀ କବି ବିଦ୍ୟୁତପ୍ରଭା'।** ତେଣୁ କହିବା ବାହୁଲ୍ୟ ଯେ ଏହି ପୁରୁଷତାନ୍ତ୍ରିକ ସଂସ୍କାରଟିକୁ ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇଛୁ। ସମଗ୍ର ଜଗତ ଜୀବନକୁ କବିଦୃଷ୍ଟି ନେଇ ଦେଖୁଥିବା, ସଂସାରର ସୁଖ ଦୁଃଖକୁ କବିଟିଏ ପରି ଆଦର କରୁଥିବା ସତ୍ତାକୁ 'ନାରୀକବି'ର ସଂକୀର୍ଣ୍ଣତାରେ ଆବଦ୍ଧ କରିବା ଅନୁଚିତ ମାନସିକତା ନୁହେଁ କି ?

**।ଦୁଇ।**

ଜଗତରେ କେତେ ଶବ୍ଦ ପୁଣି କେତେ କୋଳାହଳ। ସେହି କୋଳାହଳରେ ଜୀବନର ମଧୁର ଗୁଞ୍ଜନ ଶୁଣିବା ଆହୁରି କଷ୍ଟସାଧ୍ୟ। କିନ୍ତୁ ଏମିତି କେତେ ଜଣ ଥାନ୍ତି ଯେଉଁମାନେ ଜୀବନର ସେହି ମଧୁର ଗୁଞ୍ଜନରେ ଜଗତର ସକଳ କୋଳାହଳକୁ ନୀରବ କରିଦିଅନ୍ତି। ପ୍ରାଣର ଉଚ୍ଚାରଣରେ ଅନ୍ୟର ହୃଦୟରେ ଆପଣାପାଇଁ ଜାଗାଟିଏ ବାଛି ନିଅନ୍ତି। ସେହିପରି ଜଣେ ସାରସ୍ୱତ ପ୍ରତିଭା ହେଉଛନ୍ତି କବି ବିଦ୍ୟୁତପ୍ରଭାଦେବୀ। ୧୯୨୩ ମସିହାରେ ଏଡ଼ରଙ୍ଗ-ନାଟରା ଗ୍ରାମରେ କବି ବିଦ୍ୟୁତପ୍ରଭାଙ୍କ ଜନ୍ମ। ବାପା ନିମାଇଁ ଚରଣ ଜଣେ ବିଶିଷ୍ଟ ଲେଖକ ଥିଲେ ଓ ବିଦ୍ୟୁତପ୍ରଭାଙ୍କ କବି ଜୀବନ ପଛରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ମାଆ ରେଖାଦେବୀ ଜୀବନ ବିଦ୍ୟାଳୟର ଜଣେ ନିଷ୍ଠାପର ଶିକ୍ଷକ। ବାପା ନିମାଇଁ ଚରଣ ଓ ମାଆ ରେଖାଦେବୀଙ୍କ ତୃତୀୟ ସନ୍ତାନ ହେଉଛନ୍ତି ବିଦ୍ୟୁତପ୍ରଭା ଦେବୀ। ତାଙ୍କ ପରିବାର ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ସାଧାରଣ ପରିବାର ପରି ରକ୍ଷଣଶୀଳ ଓ ପାରମ୍ପରିକ ମାନ୍ୟତା ବିଶ୍ୱାସୀ। ତେଣୁ ଉଚ୍ଚଶିକ୍ଷା ଲାଭ କରିବାର ପ୍ରବଳ ଆଗ୍ରହ ସତ୍ତ୍ୱେ କବିଙ୍କୁ ସେ ସୁଯୋଗ ମିଳି ନଥିଲା। ନବମ ଶ୍ରେଣୀରୁ ତାଙ୍କ ପାଠପଢ଼ାରେ ଡୋରି ବାନ୍ଧି ଦିଆଗଲା। ୧୯୪୯ ମସିହା ଜୁଲାଇ ୪ ତାରିଖ ଭଦ୍ରକ ଜିଲ୍ଲାର କୁଆଁଶ ମଢ଼ିଆ(ଆଗରପଡ଼ା)ରେ ପଞ୍ଚାନନ ମହାନ୍ତିଙ୍କ ସହିତ ବାହାଘର ହେଲା। ବିବାହ ବେଳକୁ ଜଣେ କବି ଭାବରେ ବିଦ୍ୟୁତପ୍ରଭା ଦେବୀ ଓଡ଼ିଶାର ସାହିତ୍ୟ ଜଗତରେ ଜଣେ ପରିଚିତ ନାମ ହୋଇସାରିଥିଲେ। ବିବାହ ପରେ ସାହିତ୍ୟ ଜୀବନର ଭବିଷ୍ୟତକୁ ନେଇ ରହିଥିବା ଆଶଙ୍କା କବିଙ୍କୁ ବ୍ୟଥିତ କରୁଥିଲା। କିନ୍ତୁ ସ୍ୱାମୀ ପଞ୍ଚାନନ ମହାନ୍ତିଙ୍କ ସାହିତ୍ୟ ଓ ସାହିତ୍ୟିକଙ୍କ ପ୍ରତି ସମ୍ମାନ ଓ ଗଭୀର ଅନୁରାଗ ଦେଖି ମନର ସବୁ ଆଶଙ୍କା ଶୀତ ସକାଳର କାକର ପରି କ୍ଷଣକେ ଉଭାନ ହୋଇଯାଇଥିଲା। ବିବାହ ପରେ ବିଦ୍ୟୁତ ପ୍ରଭାଙ୍କ ଲେଖନୀ ପୂର୍ବ ଅପେକ୍ଷା ବେଶୀ ମୁଖର ହୋଇ ଉଠିଥିଲା। ଏହି ସମୟର କବିତାଗୁଡ଼ିକରେ କବି ପ୍ରେମ ଭାବନାକୁ ଉନ୍ମୁକ୍ତ ଭାବରେ ସ୍ଥାନ ଦେଇଛନ୍ତି। ନାରୀ କବିମାନଙ୍କ ଭିତରେ ପ୍ରେମକୁ ନେଇ ଏହିଭଳି କବିତା ରଚନା କରିବା ସେହି ସମୟରେ ଏତେ ସ୍ୱାଭାବିକ ନଥିଲା। ଦାମ୍ପତ୍ୟ ଜୀବନର ପ୍ରେମକବିତା ରଚନା କରିବା ଦିଗରେ ହୁଏତ ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ପ୍ରଥମ ଲେଖିକା। ୧୯୫୨ ମସିହାରେ ମାତୃତ୍ୱଲାଭ ପରେ ବିଦ୍ୟୁତ ପ୍ରଭାଦେବୀ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ମଧ୍ୟ ମନୋନିବେଶ କରିଥିଲେ। ୧୯୬୦ ମସିହା ବେଳକୁ ଶ୍ରୀମା ଅରବିନ୍ଦଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ କବିତା ରଚନାଧାରା କ୍ଷୀଣ ହେବା ସହିତ ଆଧ୍ୟାତ୍ମିକ ଚେତନା ଦ୍ୱାରା ପ୍ରଭାବିତ ହୋଇଛି। ୧୯୭୭ ମସିହା ଜାନୁଆରୀ ୨୮ ତାରିଖ ଦିନ ବିଦ୍ୟୁତ ପ୍ରଭାଦେବୀଙ୍କ ମୃତ୍ୟୁ ଘଟିଲା।

**।ତିନି।**

ଓଡ଼ିଆ କବିତାର ଇତିହାସରେ କବି ବିଦ୍ୟୁତପ୍ରଭା ଦେବୀ(୧୯୨୬-୧୯୭୭) ଜଣେ ସ୍ୱତନ୍ତ୍ର ଧରଣର କବି ପ୍ରତିଭା। ଏହି ସ୍ୱତନ୍ତ୍ରତାକୁ ବିଭିନ୍ନ ଦୃଷ୍ଟିରୁ ବିଚାର କରଯାଇପାରେ। ପ୍ରଥମତଃ, ଓଡ଼ିଆ ସାହିତ୍ୟରେ ଯେଉଁ କେତେ ଜଣ ନାରୀ ଲେଖିକା କବିତା ରଚନା କରି ପ୍ରସିଦ୍ଧି ଅର୍ଜନ କରିଛନ୍ତି ସେହି ହାତଗଣତି କବୟିତ୍ରୀଙ୍କ ମଧ୍ୟରେ ବିଦ୍ୟୁତପ୍ରଭା ଜଣେ ପାଠକ ସ୍ୱୀକୃତିପ୍ରାପ୍ତ କବି। ଦ୍ୱିତୀୟତଃ ପରିମାଣ ଦୃଷ୍ଟିରୁ ସେ ଯେଉଁ କାବ୍ୟ କୋଣାର୍କ ଗଢିଛନ୍ତି ତାହା ଅତୁଳନୀୟ। ତୃତୀୟରେ ବିପୁଳ ରଚନା ସମ୍ଭାରର ଅଧିକାରିଣୀ ହୋଇଥିଲେ ସୁଦ୍ଧା ତାଙ୍କ କାବ୍ୟସ୍ୱର କୌଣସି ନିର୍ଦ୍ଦିଷ୍ଟ ଭାବଚେତନାରେ ଆବଦ୍ଧ ନୁହେଁ। ଜାତୀୟତାବାଦୀ ଚେତନାର ଚିତ୍ରଣ, ପଲ୍ଲୀଜୀବନର ସାର୍ଥକ ରୂପାୟନ, ରୋମାଣ୍ଟିକ ଚେତନାର ମଞ୍ଜୁଳ ପ୍ରକାଶନ,ବାସ୍ତବବାଦର ପ୍ରଖ୍ୟାପନ, ମାନବବାଦର ଜୟଗାନ ପରି ବହୁବର୍ଣ୍ଣରେ ତାଙ୍କ ସାହିତ୍ୟର କାନଭାସ ଚିତ୍ରିତ। ସହଜଲଭ୍ୟ ଭାଷା ଓ ବୋଧଗମ୍ୟ ଭାବକୁ ଛନ୍ଦର କମକୁଟରେ ଅତ୍ୟନ୍ତ ଅକପଟ ଭାବେ ଅଭିବ୍ୟକ୍ତ ହିଁ ବିଦ୍ୟୁତପ୍ରଭାଙ୍କ ସ୍ୱତନ୍ତ୍ରତାର ବିଶେଷ ଲକ୍ଷଣ। "କବିତାର ଅନୁଭୂତି-ପକ୍ଷ ବିଚାରରେ ଜଣେ ବୈଚିତ୍ର୍ୟଭୁକ୍ କବି ଭଳି ପଲ୍ଲୀ, ପ୍ରକୃତି, ମହାପୁରୁଷ, ଈଶ୍ୱର ତଥା ଅନ୍ୟ ବିଭିନ୍ନ ଦିଗକୁ ସ୍ପର୍ଶ କରି ତାଙ୍କ କବିତାର ରୂପ ନିର୍ଣ୍ଣିତ ହୋଇଅଛି।"(ଦାଶ୨୦୧୪:୪୧୧) ସ୍ୱାଧୀନତା ପରବର୍ତ୍ତୀ କାଳରେ ମାତ୍ର ଦଶବର୍ଷ (୧୯୪୭-୧୯୫୭)ର କାବ୍ୟ-ସାଧନଦ୍ୱାରା ଓଡ଼ିଆ ସାହିତ୍ୟର କବିତା ବିଭାଗକୁ ରାଶି ରାଶି କବିତା ରଚନା କରି ମୁଖରିତ କରିଛନ୍ତି। କବିତା ରଚନା ସମୟରେ ଆବେଗର ଶୃଙ୍ଖଳିତ ନିର୍ମାଣ ଅପେକ୍ଷା ଆବେଗର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶକୁ ଗୁରତ୍ୱ ଦେଉଥିବାରୁ କବିତାଗୁଡ଼ିକ ପାଠକର ମସ୍ତିଷ୍କ ବଦଳରେ ହୃଦୟଗ୍ରାହ୍ୟ ହୋଇଥାଏ।

ମୂଳତଃ ବିଦ୍ୟୁତପ୍ରଭା ଦେବୀ ଜଣେ ଗୀତିକବି। ତାଙ୍କର ରଚନା ସମ୍ଭାରର ବିପୁଳତା ତାଙ୍କ କବିଜୀବନର ନିଷ୍ଠାପର ସାଧନା ଓ ନିରନ୍ତରତାକୁ ସୂଚିତ କରାଏ। ସମାଲୋଚକ ନିତ୍ୟାନନ୍ଦ ଶତପଥିଙ୍କ ଦ୍ୱାରା ୧୯୮୩ ମସିହାରେ ବିଦ୍ୟୁତ ପ୍ରଭାଦେବୀଙ୍କ ଗ୍ରନ୍ଥାବଳୀ


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଦୁଇ ଖଣ୍ଡରେ ସମ୍ପାଦିତ ହୋଇଛି। ପ୍ରଥମ ଖଣ୍ଡରେ କବିଙ୍କ କାବ୍ୟିକ ଜୀବନର ଉତ୍ତରଣ କାଳ(୧୯୪୭-୧୯୫୭)ର କବିତା ସଂକଳିତ ହୋଇଛି। ଏହି ଖଣ୍ଡରେ ପ୍ରକାଶିତ କବିତାଗୁଡ଼ିକ ହିଁ ବିଦ୍ୟୁତପ୍ରଭାଙ୍କ ପ୍ରତିଭାର ପ୍ରକୃତ ପରିଚୟ ଦେଇଥାଏ। କବିତା ବହିଗୁଡ଼ିକ ହେଲା – 'ସବିତା' (୧୯୪୭), ଉତ୍କଳ ସାରସ୍ୱତ ପ୍ରତିଭା (୧୯୪୭), 'କନକାଞ୍ଜଳି' (୧୯୪୮), 'ମରୀଚିକା' (୧୯୪୮), 'ବିହାୟସୀ' (୧୯୪୯), 'ବନ୍ଦନିକା' (୧୯୫୦), 'ସ୍ୱପ୍ନଦୀପ' (୧୯୫୧), 'ଝରାଶିଉଳୀ' (୧୯୫୨) ଏବଂ 'ସଂଚୟନ' (୧୯୫୭)। ବିଦ୍ୟୁତପ୍ରଭା ଗ୍ରନ୍ଥାବଳୀ ଦ୍ୱିତୀୟ ଭାଗ ହେଉଛି ୧୯୫୭ ମସିହାରୁ ୧୯୭୭ ମସିହା ମଧ୍ୟରେ ପ୍ରକାଶିତ ଶିଶୁଲେଖା ଓ ଆଧ୍ୟାତ୍ମିକ ଭାବଧାରା ଆଶ୍ରିତ ରଚନାର ସଂକଳନ। କାରଣ ୧୯୫୭–୧୯୭୭ ଏଇ ଦୁଇ ଦଶନ୍ଧିର ସମୟ ଅବଧିରେ ବିଦ୍ୟୁତ୍ ପ୍ରଭା ହୋଇ-ଉଠିଛନ୍ତି ଅଧ୍ୟାତ୍ମ-ଅନୁରାଗୀ ତଥା ଶିଶୁ-କିଶୋର ଜଗତ ଅନୁରକ୍ତ ସ୍ରଷ୍ଟା। ଗ୍ରନ୍ଥାବଳୀର ଦ୍ୱିତୀୟ ଖଣ୍ଡର ମୁଖବନ୍ଧରେ ନିତ୍ୟାନନ୍ଦ ଶତପଥି ଉଲ୍ଲେଖ କରିଛନ୍ତି-"କବି ବିଦ୍ୟୁତ ପ୍ରଭାଙ୍କ ଉତ୍ତରକାଳୀନ କେତେକ କବିତା ଗୋଟିଏ ଅପ୍ରକାଶିତ ଉପନ୍ୟାସ ଓ ଏକାଙ୍କିକାର ସମାହାରରେ ଗ୍ରନ୍ଥାବଳୀର ୨ୟ ଭାଗ ପ୍ରକାଶିତ ହେଉଛି। ମୁଖ୍ୟତଃ ୧୯୫୬-୫୭ ପରବର୍ତ୍ତୀ କବିତା ସୃଷ୍ଟି ଏହି ସଂକଳନରେ ସନ୍ନିବେସିତ ହୋଇଛି। ୧ମ ଭାଗରେ ସୂଚନା ଦିଆଯାଇଛି ଯେ ବିଦ୍ୟୁତପ୍ରଭାଙ୍କ ସୃଷ୍ଟିର ସ୍ୱଷ୍ଟ ଅବକ୍ଷୟ ୧୯୫୭ ପରବର୍ତ୍ତୀ କାବ୍ୟ-କବିତାରେ ପରିଲକ୍ଷିତ ହୁଏ। ଏ ସମୟରେ କାବ୍ୟାବେଗର ବିପୁଳ ପ୍ରେରଣା ହରାଇ ବସି କବି ଶିଶୁ ସାହିତ୍ୟ ସୃଷ୍ଟିରେ ଅଧିକରୁ ଅଧିକ ମନୋନିବେଶ କରିଥିଲେ। ଏସବୁ ସୃଷ୍ଟିରେ କବିତାର ସୁକୁମାର ଲାଳନା ବହୁ ପରିମାଣରେ କ୍ଷୁର୍ଣ୍ଣ ହୋଇଥିଲେ ବି ତାଙ୍କ କବିତାରେ ଆଉ ଏକ ଦିଗ ଉନ୍ମୋଚିତ ହୋଇଛି। ଏ ପର୍ଯ୍ୟାୟରେ ସେ ଭଗବତ ଚେତନା ଓ ଆଧ୍ୟାତ୍ମିକ ଚିନ୍ତାରେ ଉଦବୃଦ୍ଧ ହୋଇଛନ୍ତି"।(ଶତପଥୀ୧୯୮୩:କ) ଗ୍ରନ୍ଥାବଳୀର ଦ୍ୱିତୀୟ ଖଣ୍ଡରେ ସ୍ଥାନୀତ ରଚନାଗୁଡ଼ିକ ହେଲା – 'ପୁଷ୍ପାଞ୍ଜଳୀ', 'ଜ୍ୟୋତିଶିଖା', 'ସୂର୍ଯ୍ୟମୁଖି', 'ମାଟି ପାଣି ପବନ', 'ଯାହାକୁ ଯିଏ', 'ମୋ ପେଁକାଳି ବଜେଇ ଦେ', 'ଗଛ-ପତର', 'ମୁଁ କେମିତି ପିଲା', 'କାହିଁକି ଏମିତି', 'ପଡୁଆ ହସି ହସି ଗଡୁଆ', 'ନିଜସ୍ୱ ଜଗତ', 'ବିବାହ', 'ଜୀବନ ଝଡ଼' ଇତ୍ୟାଦି। ମୋଟାମୋଟି ଭାବରେ କହିବାକୁ ଗଲେ ବିଦ୍ୟୁତପ୍ରଭା ଦେବୀ ସ୍ୱଳ୍ପକାଳର କବି ଜୀବନ ମଧ୍ୟରେ ନିଜର ଏକ ବୈଚିତ୍ର୍ୟମୟ କବିତା ସଂସାର ଗଢ଼ିଛନ୍ତି। ନିଜ ସମସାମୟିକ ତଥା ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟିକଙ୍କର ଜଣେ ନିଷ୍ଠାପର ପାଠକ ହୋଇଥିଲେ ସୁଦ୍ଧା କୌଣସି ଏକ ନିର୍ଦ୍ଦିଷ୍ଟ ଚେତନା କିମ୍ବା ଭାବ ତାଙ୍କୁ ଆକ୍ରାନ୍ତ କରିପାରିନାହିଁ। ମୁକ୍ତ ନଈଟିଏ ପରି ତାଙ୍କ କବିତାର ଭାବସ୍ରୋତ ପ୍ରବାହିତ।

### ।ଚାରି।

ସ୍ୱାଧିନତାର କିଞ୍ଚିତ ପୂର୍ବରୁ କବିତ୍ୱର ସ୍ଫୁରଣ ଘଟିଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କାଳରେ ହିଁ ବିଦ୍ୟୁତପ୍ରଭାଙ୍କ କବିତା ଗୁଡ଼ିକ ସୁଦୃଢ ଭାବରେ ଆତ୍ମପ୍ରକାଶ କରିଛନ୍ତି। ପୂର୍ବରୁ ସୂଚନା ଦିଆଯାଇଛି ଯେ ୧୯୪୭ ମସିହାରୁ ୧୯୫୭ ମସିହା ମଧ୍ୟରେ ଅର୍ଥାତ ସବିତାରୁ ସଂଚୟନ କବିତା ଗ୍ରନ୍ଥର ପ୍ରକାଶକାଳ ସମୟ ହେଉଛି କବିଙ୍କ ସାଧନାର ପ୍ରକୃଷ୍ଟକାଳ। ଯେକୌଣସି କବିଙ୍କ କାବ୍ୟଯାତ୍ରାର ମୂଲ୍ୟାଙ୍କନ କରିବାକୁ ହେଲେ ତାଙ୍କ କବିତାଗୁଡ଼ିକର ପ୍ରକାଶକାଳକୁ ଧ୍ୟାନ ରଖିବାକୁ ପଡେ। ଯାହାଫଳରେ ସମୟ ସହିତ କବିଙ୍କ କବିତାର ଚେତନା ଓ ଶୈଳୀର ଯଥାର୍ଥ ରୂପାନ୍ତର କେମିତି ଘଟିଛି ଜାଣିହୁଏ। ତେଣୁ ଏହି ଆଲୋଚନାରେ କବି ବିଦ୍ୟୁତପ୍ରଭା ଦେବୀଙ୍କ ସାଧନାର ପ୍ରକୃଷ୍ଟକାଳ ଅର୍ଥାତ ଉକ୍ତ ଦଶବର୍ଷ(୧୯୪୭-୫୭) ମଧ୍ୟରେ ପ୍ରକାଶିତ କବିତାଗୁଡ଼ିକୁ ପର୍ଯ୍ୟାୟକ୍ରମେ ଆଲୋଚନା କରାଯିବ। ଫଳରେ ତାଙ୍କ କାବ୍ୟାଦର୍ଶର ଉନ୍ମେଷ ଓ ଉତ୍ତରଣ ସମ୍ପର୍କରେ ଅବଗତ ହୋଇପାରିବା।

**ସବିତା (୧୯୪୭):**

ବିଦ୍ୟୁତପ୍ରଭା ଦେବୀଙ୍କ କବି ଜୀବନର ଆଦ୍ୟ ନିଦର୍ଶନ ଭାବରେ 'ସବିତା' କବିତା ସଂକଳନ ୧୯୪୭ ମସିହାରେ ଆତ୍ମପ୍ରକାଶ କରିଥିଲା। ଏହା ଏକ ଯୌଥକବିତା ସଂକଳନ। ବିଦ୍ୟୁତପ୍ରଭା ଓ ତାଙ୍କ ବଡ଼ ଭଉଣୀ ବାସନ୍ତୀଙ୍କ ଯୁଗ୍ମ ଉଦ୍ୟମରେ 'ସବିତା' ପୁସ୍ତକ ଆକାରରେ ପ୍ରକାଶ ହୋଇଥିଲା। କବି ପଦ୍ମଚରଣ ପଟ୍ଟନାୟକ ଓ ଶଶିଭୂଷଣ ରାୟଙ୍କ ଅଭିମତ ଏହି ସଙ୍କଳନରେ ସ୍ଥାନିତ ହୋଇଛି। ଉଭୟ ଏହି ଗ୍ରନ୍ଥର ଅଭିମତରେ ଲେଖିକା ଦ୍ୱୟଙ୍କ କବିତାରେ ବ୍ୟବହୃତ ଭାଷାର ଲାଳିତ୍ୟ ଓ ଭାବ ପ୍ରକାଶଭଙ୍ଗୀର ବିଶେଷ ପ୍ରଶଂସା କରିଛନ୍ତି। କବି ପଦ୍ମଚରଣ ପଟ୍ଟନାୟକ ଲେଖିଛନ୍ତି - "ଦୁଇଭଉଣୀଙ୍କ ରଚିତ ସୁମଧୁର କବିତା ଗ୍ରନ୍ଥ ପାଠ କରିବାର ସୌଭାଗ୍ୟ ଲାଭକରି ଆଜି ଆପଣାକୁ ଧନ୍ୟ ମନେକଲି।ଭାଷାର ଲାଳିତ୍ୟ ଓ ଭାବପ୍ରକାଶର ଭଙ୍ଗୀ ଉଭୟ ଦିଗରୁ କବିତାଗୁଡ଼ିକ ଅତି ମନୋହର ହୋଇଛି।" ଅନୁରୂପ ଭାବରେ ପ୍ରାବନ୍ଧିକ ଶଶିଭୂଷଣ ରାୟ ଲେଖିଛନ୍ତି- ଅନ୍ତଃପୁରାବଦ୍ଧା ଉତ୍କଳ କନ୍ୟାଙ୍କର ଏଭଳି କବିତା-କୃତିତ୍ୱ ଉତ୍କଳର ଗୌରବ ବସ୍ତୁ। କବିତାଗୁଡ଼ିକ କୋମଳ ଓ ଲଳିତ ଭାଷାରେ ରଚିତ। ସମସ୍ତ କବିତାରେ ଯଥେଷ୍ଟ କବିତ୍ୱ ରହିଅଛି, ଅଧିକନ୍ତୁ ଏଗୁଡ଼ିକ ଜାତୀୟ ଭାବୋଦ୍ଦୀପକ ହୋଇଥିବାରୁ ଏହାର ସରସତା ସମ୍ୟକ ସୁପରିସ୍ଫୁଟ।" ଏହି କବିତା ସଂକଳନରେ ସମୁଦାୟ ୧୨ଗୋଟି କବିତା ସ୍ଥାନି ପାଇଛି। ଯଥା- ଓଡ଼ିଆ, ଓଡ଼ିଆ ବୀର, ଜନ୍ମଭୂମି କୋଣାର୍କ, ଗୋମାତା, ନାରୀ, ପଣପ୍ରଥା, ବୃଦ୍ଧ, କବି ଓ ଦାରିଦ୍ର୍ୟ, ଚାହେଁନାହିଁ, ଭଲପାଏ, ଜୋଛନା। ଏହି ସଂକଳନର ଅଧିକାଂଶ କବିତାର ଛତ୍ରେଛତ୍ରେ ଉତ୍କଳୀୟ ଜାତୀୟତା ଭାବନାର ମହାପ୍ଲାବନ ଘଟିଛି। ଓଡ଼ିଆ ଜାତିର ଗୌରବଗାଥା, ପ୍ରାକୃତିକ ସମ୍ପଦ, ଅକ୍ଷୟ କୀର୍ତ୍ତିରାଜି, ଆଦର୍ଶ ଜୀବନବୋଧ ଭଳି ଅନେକ କଥାକୁ ନେଇ ଲେଖିକାଙ୍କ ଗଭୀର ମମତ୍ୱବୋଧକୁ ହୃଦୟଙ୍ଗମ କରିହୁଏ। ଓଡ଼ିଆ ଶୀର୍ଷକ କବିତାରେ କବିଙ୍କ ଜାତୀୟ ଭାବନାର ଭାବୋଚ୍ଛ୍ୱାସକୁ ସ୍ୱଷ୍ଟ ଅନୁଭବ କରିହୁଏ। ସେ ଲେଖିଛନ୍ତି-

**ମଥାର ସିନ୍ଦୁର କରି ଘେନିବି ମୁଁ**
**ଏ ଦେଶର ଧୂଳି କଣା**
**ଏ ଦେଶ ବସନେ ଶୋଭିବ ମୋ ବପୁ**
**ନ ହୁଏ ମୁଁ ବାଟବଣା (ଓଡ଼ିଆ)**

ଅତୀତର ଗୌରବଗାଥାର ସ୍ମୃତି ଚାରଣ କରିବା ଏବଂ ସେହି ଗୌରବମୟ ଜୀବନକୁ ସମ୍ପ୍ରତି ସମୟ ସହ ଯୋଡିବାରେ ବିଫଳ ହୋଇ କ୍ଷୋଭ ପ୍ରକାଶ କରିବା ଜାତୀୟ ଚେତନା ଦୀପ୍ତ କବି ମାନଙ୍କ ଏକ ସ୍ୱଭାବିକ ଲକ୍ଷଣ। ପ୍ରକୃତରେ ପ୍ରତ୍ୟେକ ଜାତୀୟବାଦୀ କବି ନିଜ ଜାତିକୁ ଉନ୍ନତିର ସୋପାନ ଆରୋହଣ କରୁଥିବାର ଦେଖିବାକୁ ଚାହେଁ ଏବଂ ତାହା ଯେତେବେଳେ ବ୍ୟାଘାତ ହୁଏ ତାର କବିସତ୍ତା ବ୍ୟଥିତ ହୋଇଉଠେ। ବିଦ୍ୟୁତପ୍ରଭା ଦେବୀଙ୍କ ସବିତା ସଙ୍କଳନର ଜାତୀୟ ଭାବଧାରା ଦ୍ୱାରା ସମୃଦ୍ଧ କବିତାଗୁଡ଼ିକରେ ମଧ୍ୟ ଏହି ଦୃଷ୍ଟିକୋଣ ଦେଖିବାକୁ ପାଉ। ଓଡ଼ିଆ ବୀର, ଜନ୍ମଭୂମି, କୋଣାର୍କ ପରି କବିତାରେ ଉତ୍କଳୀୟ ବୀରତ୍ୱ, କୀର୍ତ୍ତିରାଜି, ସାଧବପୁଅର ବୋଇତ ଯାତ୍ରା, କୋଣାର୍କର ଅପୂର୍ବ ଶିଳ୍ପ ଚାତୁର୍ଯ୍ୟର ମହିମାଗାନ କରିବା ସଙ୍ଗେ କ୍ରମଶଃ ନିଜର ପୂର୍ବଗୌରବକୁ ବିସ୍ମରି ଯାଉଥିବା ଓଡ଼ିଆଙ୍କ ପ୍ରତି କ୍ଷୋଭ ବାଣୀ ଶୁଣାଇଛନ୍ତି।

**ଧରା ବକ୍ଷେ ଝଡ଼ ମଉଳିଛି ଫୁଲ**
**ବୃନ୍ତଟି ରହିଛି ତାହିଁ,**
**ଦୁର୍ଗ କିଲ୍ଲା ମାତ୍ର ରହିଅଛି ଖାଲି**
**ଦେଶେ ଆଜି ବୀର ନାହିଁ (ଓଡ଼ିଆ ବୀର)**
**ପୁଣି,**


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**କୋଣାର୍କ ମନ୍ଦିର ଶିଳ୍ପ କଉଶଳ**
**ଦେଖି ପରଶଂସେ ଦୂର ପଥିକ**
**କବାଟ କୋଣରେ ବସିଛି ନୀରବେ**
**ଧିକ ଏ ଓଡ଼ିଆ ଜନମ ଧିକ (ଜନ୍ମ ଭୂମି)**

'ନାରୀ' କବିତାରେ ମହାଭାରତୀୟ ମହୀୟସୀ ମହିଳାଙ୍କ ପ୍ରସିଦ୍ଧିର ଜୟଗାନ କରିବା ସହିତ ସମକାଳୀନ ସମାଜରେ ନାରୀ କିଭଳି ନିଜକୁ ଚିତ୍ରପ୍ରତିମାଟିଏ କରିଦେଇ ମୁକ ବଧିର ସାଜି ବେଦନା ଯାତନା ସହ୍ୟ କରୁଛି ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ନାରୀ କବିତା କେବଳ ଅତୀତର ସ୍ମୃତି ଚାରଣ ଓ ଜାତୀୟ ଗୌରବର ଗୁଣଗାନରେ ସୀମିତ ନୁହେଁ ବରଂ ଏଥିରେ କବିଙ୍କ ଦୃଢ ପ୍ରତିବାଦ ମଧ ଦେଖିବାକୁ ମିଳିଥାଏ।
ଯେ କରେ ଭକତି ଯେ ଦିଏ ଶକତି

**ବିତରେ ସମାଜେ ଯେ ସ୍ନେହ ପୀରତି**
**ତା ପାଇଁ କିପା ଏ ନିଷ୍ଠୁର ଶାସନ**

**ଏତେ ଅବିଚାର, ନିର୍ମମ ବିଧାନ। (ନାରୀ)**

ଅନୁରୂପ ଭାବରେ ପଣପ୍ରଥା କବିତାଟିରେ ମଧ ସମାଜର ଏକ ଘୃଣ୍ୟ ଦିଗକୁ ଇଙ୍ଗିତ କରିଛନ୍ତି। ତେଣୁ କୁହାଯାଇପାରେ ଯେ 'ସବିତା' କବିତା ଗ୍ରନ୍ଥର ମୂଳ ଭାବ ଜାତୀୟ ଭାବୋଦ୍ଦୀପକ ହୋଇଥିଲେ ସୁଦ୍ଧା ଏଥିରେ ସମାଜ ପ୍ରତି ଲେଖିକାଙ୍କ ଏକ ପ୍ରତିବାଦୀ ଦୃଷ୍ଟିକୋଣ ସୁସ୍ପଷ୍ଟ। 'ପଣପ୍ରଥା' କବିତାରେ ନିର୍ମମ ଓ ନିଷ୍ଠୁର ସମାଜର କଳୁଷିତ ବ୍ୟବସାୟିକ ମାନସିକତାକୁ ତାଚ୍ଛଲ୍ୟ କରିଛନ୍ତି। ଯୁବ ପୀଢ଼ିଙ୍କୁ ଆହ୍ୱାନ କରି ଲେଖିଛନ୍ତି –

**ପବିତ୍ର ବିବାହ ନହେଉ ଯୁବକେ**
**ବିପଣୀର କାରବାର**
**ଦାୟଗ୍ରସ୍ତ ପିତା ତପତ ନିଶ୍ୱାସେ**
**ନୋହୁଁ ଦେଶ ଛାରଖାର । (ପଣପ୍ରଥା)**

କବି ବିଦ୍ୟୁତ ପ୍ରଭାଙ୍କ କବିତାର ସ୍ୱରକୁ ଜାଣିବାକୁ ହେଲେ ଏହି ସଂକଳନର ଦୁଇଟି କବିତା ସହାୟକ ହୁଅନ୍ତି। ପ୍ରଥମ କବିତା ହେଉଛି, କବି ଓ ଦାରିଦ୍ର୍ୟ, ଏବଂ ଦ୍ୱିତୀୟ କବିତା ହେଉଛି ଚାହେଁ ନାହିଁ। ପ୍ରଥମ କବିତାରେ ବିଦ୍ୟୁତ ପ୍ରଭା ଏହି ଜଗତର ସକଳ ଦୁଃଖ ଦୈନ୍ୟ ଓ ଯାତନାକୁ କବି ପାଇଁ ସୃଷ୍ଟି ହୋଇଥିବା ଏକ ଏକ ସୁନ୍ଦର ଉପାଦାନ ଭାବରେ ପରିକଳ୍ପନା କରିଛନ୍ତି। **"କବି ଚାଲେ ଜୀବନର ସବୁଜ ସପନ ସାଥେ / କବି ପାଇଁ ଏ ବିଶ୍ୱରେ ଦୈନ୍ୟର ସୃଷ୍ଟି କି ସତେ?** ଅର୍ଥାତ ଜୀବନର ପ୍ରତିକୂଳ ପରିସ୍ଥିତି କବିର ପ୍ରତିଭାକୁ ନାଶ କରିପାରେନି ବରଂ ତାହା କବିର କବିତ୍ୱକୁ ଆହୁରି ରସାଣିତ ଓ ତୀକ୍ଷ୍ଣ କରେ। ଏମିତିକି ମୃତ୍ୟୁ ମଧ ପ୍ରତିଭାର ଶେଷ ପରିଣତି ନୁହେଁ ବୋଲି କବି ଅନୁଭବ କରିଛନ୍ତି। ଆରେକ କବିତା 'ଚାହେଁ ନାହିଁ'ରେ ବିଦ୍ୟୁତ ପ୍ରଭା ବସନ୍ତର ମଳୟ ପବନ, କୋଇଲିର କୁହୁକୁହୁ ତାନ, ରୋମାଂଚିତ ଯୌବନ ଗୋଲାପ ଫୁଲର ମହକ, ସ୍ୱର୍ଗର ଚମକ ସବୁ ଅସ୍ୱୀକାର କରିଛନ୍ତି। କିନ୍ତୁ ଚାହିଁଛନ୍ତି ସୁପ୍ତ ମରୁଭୂମି କୋଳରେ ଖେଳୁଥିବା ନୀରବତା, ରାତିର ଗର୍ଭରେ ଥିବା ମଗ୍ନ ଅନ୍ଧାର, ମୁକ୍ତ ଅଥଚ ମୌନ ଆକାଶ ଇତ୍ୟାଦି ଇତ୍ୟାଦି। ଏହି ଉଭୟ କବିତାକୁ ଏକତ୍ରିତ କରି ଏହି ନିର୍ଯ୍ୟାସ କରିହେବ ଯେ **ବିଦ୍ୟୁତପ୍ରଭା** ଦେବୀଙ୍କ କବିତ୍ୱ ଦୁନିଆଁ ଯାକର ସମସ୍ତ ଅବାଂଛିତ, ଅଲୋଡ଼ା ଓ ଅଳୀକ ମନେହେଉଥିବା ଭାବକୁ ସାଉଁଟିଥାଏ। ଅନ୍ଧାର ଭିତରେ ଜୀବନର ସୁରଭିକୁ ଅନ୍ୱେଷଣ କରିବା, ନୀରବତାରେ ପ୍ରାଣର ଗୁଞ୍ଜନକୁ ଶୁଣିବା, ଅସାରତାରେ ସାର ଖୋଜିବା ହିଁ କବି ବିଦ୍ୟୁତପ୍ରଭାଙ୍କ କବିତାର ସ୍ୱର। ତେଣୁ ସେ କୁହନ୍ତି – "ଚାହେଁ ନାହିଁ ମୁଁ ତ ଦୀପ୍ତ ତପନ / ଶଶିର ଜ୍ୟୋସ୍ନା ଧାରା /ଚାହେଁ ସତ୍ୟ ଶାନ୍ତି ଦୟା କ୍ଷମା ସ୍ନେହ / ସରଗ ପୀୟୂଷ ଝରା"

**ଉତ୍କଳ ସାରସ୍ୱତ ପ୍ରତିଭା(୧୯୪୭) :**

ପୂର୍ବରୁ ପ୍ରକାଶିତ ସବିତା ଗ୍ରନ୍ଥ ଯୁଗ୍ମ ଲେଖିକାଙ୍କ ଦ୍ୱାରା ପ୍ରକାଶିତ ହୋଇଥିବାରୁ 'ଉତ୍କଳ ସାରସ୍ୱତ ପ୍ରତିଭା' ହେଉଛି ବିଦ୍ୟୁତ ପ୍ରଭାଙ୍କ ପ୍ରଥମ କବିତା ସଂକଳନ। ଏଥିରେ ଓଡ଼ିଶାର ସ୍ୱନାମଧନ୍ୟ ବାଣୀବରସୁତ ଓ ସେବକମାନଙ୍କୁ ନେଇ ରଚନା କରାଯାଇଥିବା ୩୨ଗୋଟି କବିତା ସଂକଳିତ କରଯାଇଚି। ଓଡ଼ିଆ ସାହିତ୍ୟର ପ୍ରଥମ ଚରିତ କବିତା ସଂକଳନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସନ୍ନିବେସିତ ହୋଇଥିବା କବିତାଗୁଡ଼ିକ ହେଲା- 'ଶୁଦ୍ରମୁନି ସାରଳା ଦାସ', 'ଉତ୍କଳ ବାଲ୍ମୀକି ବଳରାମ ଦାସ', 'ଭକ୍ତକବି ଜଗନ୍ନାଥ ଦାସ', 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ', 'କବିସୂର୍ଯ୍ୟ ବଳଦେବ ରଥ', 'ପ୍ରେମିକ କବି ଅଭିମନ୍ୟୁ', 'ରସକବି ଦୀନକୃଷ୍ଣ', 'ପ୍ରକୃତି ପ୍ରିୟ ରାଧାନାଥ', 'ବ୍ୟାସକବି ଫକୀରମୋହନ', 'ସ୍ୱଭାବକବି ଗଙ୍ଗାଧର', 'ପଲ୍ଲୀପ୍ରାଣ ନନ୍ଦକିଶୋର', 'ବ୍ରହ୍ମବାଦୀ ମଧୁସୂଦନ', 'ଦେଶପ୍ରାଣ ଗୋପବନ୍ଧୁ', 'ଉତ୍କଳକେଶରୀ ମଧୁସୂଦନ', 'ବାଗ୍ମୀ ବିଶ୍ୱନାଥ', 'ଉତ୍କଳଭାରତୀ କୁନ୍ତଳା', 'ସାଧକକବି ଚିନ୍ତାମାଣି', 'ବାଚସ୍ପତି ଗୋପାଳଚନ୍ଦ୍ର', 'ଜ୍ୟୋତିର୍ବିଦ ଚନ୍ଦ୍ରଶେଖର', 'କର୍ମବୀର ଗୌରୀଶଙ୍କର', 'ନାଟ୍ୟକାର ରାମଶଙ୍କର', 'ଦେବାତ୍ମା ପ୍ୟାରୀମୋହନ, ଆଦର୍ଶ ରାଜା ସୁଢଳ ଦେବ, ରାଜକବି ବଳଭଦ୍ର, ମହାରାଜା ରାମଚନ୍ଦ୍ର', 'ସାମ୍ବାଦିକ ନୀଳାମଣି', 'କୃଷ୍ଣପ୍ରାଣ ଗୋପାଳକୃଷ୍ଣ', 'ପ୍ରିୟଦର୍ଶୀ ବ୍ରଜସୁନ୍ଦର', 'ବାଣୀଭୂଷଣ ମୃତ୍ୟୁଞ୍ଜୟ', 'କାନ୍ତକବି ଲକ୍ଷ୍ମୀକାନ୍ତ', 'ଗୀତିକବି ପଦ୍ମଚରଣ', 'ଗଣକବି ବୈଷ୍ଣବ ପାଣି', 'ଜନସେବକ ଗୋଦାବରୀଶ'। କବିତାଗୁଡ଼ିକର ନାମକରଣରେ ବିଶେଷ ଚାତୁର୍ଯ୍ୟ ପରିଲକ୍ଷିତ ହୁଏ ନାହିଁ। କବି ବା ପ୍ରତିଭାଙ୍କୁ ଓଡ଼ିଆମାନେ ଯେଉଁ ସମ୍ବୋଧନ ବା ଉପାଧିରେ ଭୂଷିତ କରିଛନ୍ତି ତାକୁ ହିଁ ବିଦ୍ୟୁତପ୍ରଭାଦେବୀ ଗ୍ରହଣକରିଛନ୍ତି। ଏହି କବିତା ମାଧମରେ ନିଜ ପୂର୍ବସୁରୀଙ୍କ ପ୍ରତି ରହିଥିବା ସମ୍ମାନବୋଧ ପ୍ରକଟିତ ହେବା ସହିତ ଓଡ଼ିଆ ସାହିତ୍ୟକୁ ସେମାନଙ୍କ ଅବାଦନ ପାଇଁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ପୁଣି କବିବ୍ରତ ପାଳନ କରିବା ପାଇଁ ନିଜ କାବ୍ୟ ପରମ୍ପରାର ଅଧ୍ୟୟନ ଜନିତ ଯେଉଁ ଅଧ୍ୟବସାୟ ଓ ଯେଉଁ ଆରାଧନା ନିତ୍ୟାନ୍ତ ଆବଶ୍ୟକ କବି ବିଦ୍ୟୁତପ୍ରଭା ତାହା କରିଥିଲେ ଏହି ଗ୍ରନ୍ଥ ତାର ଜୀବନ୍ତ ପ୍ରମାଣ। ଏହିଁ ଗ୍ରନ୍ଥ ସମ୍ପର୍କରେ ନିତ୍ୟାନନ୍ଦ ଶତପଥିଙ୍କ ମନ୍ତବ୍ୟ ହେଉଛି – "ଏସବୁ ପ୍ରଶଂସାମୁଖର କବିତାରେ ତାଙ୍କ ଶିଳ୍ପନୈପୁଣ୍ୟର କୌଣସି ଚିହ୍ନ ପ୍ରକାଶ ପାଇନାହିଁ। ପ୍ରଶସ୍ତିଗାନରେ ତାଙ୍କ କବିତାରେ ବୈଚିତ୍ର ବା ଭିନ୍ନତା ମଧ ନାହିଁ; ସବୁଗୁଡ଼ିକ ଗୋଟିଏ ସୁରର କାକଳି – କେବଳ ଶ୍ରଦ୍ଧା ପୂତ ପୁଷ୍ପାଞ୍ଜଳି ମାତ୍ର" (ଶତପଥୀ୧୯୮୩:ଗ) ମୂଳତଃ ଏହା ଏକ ପ୍ରତିଭାର ଜୟଗାନ ବା ପ୍ରଶସ୍ତିମୂଳକ ରଚନା ହୋଇଥିବାରୁ ଏଥିରେ କବିତ୍ୱର ସୌରଭ ଖୋଜିଲେ ନିରାଶ ହେବକୁ ହୁଏ ଏବଂ ଅଧିକାଂଶ କବିତା ଏକାଭଳି ମନେହୁଏ। କିନ୍ତୁ କବିସତ୍ତା ଆଗରେ ବିଦ୍ୟୁତପ୍ରଭାଙ୍କ ନିରହଂକାର ଆତ୍ମନିବେଦନ, ପୂଜ୍ୟପୂଜା ପ୍ରତି ଶ୍ରଦ୍ଧା ଓ ସମର୍ପଣ ଏବଂ ପ୍ରତିଭାଧର ବ୍ୟକ୍ତି ଜୀବନକୁ ବିଚାର କରିବାର ଗଭୀରତାକୁ ଅସ୍ୱୀକାର କରଯାଇ ପାରିବ ନାହିଁ।

ଉତ୍କଳ ସାରସ୍ୱତ ପ୍ରତିଭା କବିତା ଗ୍ରନ୍ଥର ଦ୍ୱତୀୟ ସଂସ୍କରଣର ଭୂମିକାରେ ଲେଖିଛନ୍ତି – "କବି ବିଶ୍ୱ ସହିତ ନିଜର ସତ୍ତା ମିଳାଇଦେଇ ଯେଉଁ ଅପୂର୍ବ ଆନନ୍ଦ ଅନୁଭବ କରେ, ଭାଷାରେ ଛନ୍ଦରେ ତାହାର ପ୍ରକାଶ ପାଇଁ ସେ ଉତ୍ସୁକ ହୋଇପଡେ କାହିଁକି? କାହିଁକି ସେ ନିଜର ସମସ୍ତ ଦୈନ୍ୟ, ଯାତନା ଭୁଲିଯାଇ ଲେଖନୀ ଧରି ବସେ? ଆଉ କୌଣସି ଆକାଂକ୍ଷା ତାର ହୃଦୟରେ ଥାଏ ନାହିଁ – ଥାଏ କେବଳ ଏହି ଆକାଂକ୍ଷା ଯେ, ଯେଉଁ ନରନାରୀମାନଙ୍କୁ ନେଇ ସେ ବଞ୍ଚିଛି, ସେମାନେ ତାହାର ଆନନ୍ଦରେ ପ୍ରାଣ ଉଦବୃଦ୍ଧ କରିବେ ଏବଂ ତାହାରି ସହିତ ଏକ ହୋଇ ବିଶ୍ୱକୁ ଉପଲବ୍ଧି କରିବେ"। ତେଣୁ ଏହି ସଂକଳନର ଅଧିକାଂଶ କବିତାରେ କବି ପ୍ରତିଭା ପ୍ରତି ବିଦ୍ୟୁତପ୍ରଭାଙ୍କ ଗଭୀର ଶ୍ରଦ୍ଧା ଓ ସମର୍ପଣ ଦେଖିବାକୁ ମିଳିଥାଏ। 'ଶୁଦ୍ରମୁନି ସାରଳା ଦାସ' କବିତାରେ କବି ସାରଳା ଦାସଙ୍କୁ ଉତ୍କଳର ପ୍ରେରଣା ସ୍ରୋତ କହିବା ସହିତ ତାଙ୍କ କଳ୍ପନା ଶକ୍ତିର ପ୍ରଶଂସାଗାନ


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କରିଛନ୍ତି। ଓଡ଼ିଆ ରାମାୟଣ ବା ଦାଣ୍ଡୀ ରାମାୟଣର ରଚୟିତାଙ୍କୁ ଉତ୍କଳ ବାଲ୍ମୀକି ଭାବରେ ଅଭିହିତ କରିଥିବା ବେଳେ ଭଗବତକାର ଜଗନ୍ନାଥ ଦାସଙ୍କୁ ଉତ୍କଳ ବ୍ୟାସ ଭାବରେ ବିବେଚନା କରିଛନ୍ତି। ଏହିପରି ଭାବରେ ସେ ପ୍ରାଚୀନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ସାରସ୍ୱତ ଆକାଶରେ ଦୀପ୍ତିମାନ ହୋଇଥିବା ପ୍ରତିଭାଙ୍କ ଜୀବନ ବୃତ୍ତାନ୍ତକୁ କବିତାର ଲାଳିତ୍ୟ ଦେଇ ପରିପ୍ରକାଶ କରିଛନ୍ତି।

ପୁଣି କେତୋଟି କବିତାରେ ଲେଖକଙ୍କ ସାରସ୍ୱତ କୃତିର ଧୀସମ୍ପନ ସମୀକ୍ଷା ମଧ ରହିଛି। 'ବ୍ୟାସକବି ଫକୀର ମୋହନ' କବିତାଟି ଏହି ସଂକଳନର ଏକ ସାର୍ଥକ ରଚନା। ଏହା କେବଳ ଫକୀର ମୋହନ ସେନାପତିଙ୍କ ଗୁଣକୀର୍ତ୍ତନରେ ମୁଖର ନୁହେଁ ବରଂ ଏଥିରେ ସେନାପତିଙ୍କ ସାହିତ୍ୟାଦର୍ଶର ପ୍ରତିଫଳନରେ ତାଙ୍କ ବ୍ୟକ୍ତିତ୍ୱର ଚିତ୍ର ଅଙ୍କନ କରାଯାଇଛି। ଜଣେ ପ୍ରବୀଣ ସମାଲୋଚକ ପରି ବିଦ୍ୟୁତପ୍ରଭା ଦେବୀ ଫକୀରମୋହନଙ୍କ କଥା ସାହିତ୍ୟର ବିଶେଷତ୍ୱକୁ ପ୍ରତିପାଦନ କରିଛନ୍ତି। ରୀତିଯୁଗୀୟ ପ୍ରେମ ପ୍ରଣୟର ଅବାସ୍ତବ ଓ ଅତିକଳ୍ପନାର ନିଗୂଢ଼ ବନ୍ଧନରୁ ମୁକ୍ତ ହୋଇ କିପରି ତାଙ୍କ ସାହିତ୍ୟ ବାସ୍ତବ ମଣିଷର ଛାତିକୁ ଛୁଇଁଛି ସେ ସମ୍ପର୍କରେ କବିତାରେ ଉଲ୍ଲେଖ ଅଛି-

**'ଚନ୍ଦ୍ରଭାନୁ'ର ଅଗୁରୁ ଧୂପିତ**
**ମଦିର ବାସର ରାତି**
**'ଲାବଣ୍ୟବତୀ'ର ପ୍ରଣୟ ସପନେ**
**ତୁମେ ତ ଯାଇନ ମାତି**
**ତୁମେ ଦେଖି ନାହଁ ହାଟକ ବରନା**
**ନାଗରୀ ଛଟକ ଛଇ**
**ଦେଖିଅଛ ଖାଲି ପଲ୍ଲୀବିଧବା**
**ବୁକୁତଳ କଇଁ କଇଁ।(ବ୍ୟାସକବି ଫକୀରମୋହନ)**

ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟରେ ବିସ୍ମୟ। ଜୀବନଯାପନର ନାନା ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ତାଙ୍କର ସର୍ଜନଶୀଳ ପ୍ରାଣର ସୁରଭିରେ ଓଡ଼ିଆ ସାହିତ୍ୟ ବିମୋହିତ ହୋଇଥିଲା। ସେହି ପ୍ରକୃତି କବି ଗଙ୍ଗାଧରଙ୍କୁ ନେଇ ଏହି ସଂକଳନରେ 'ସ୍ୱଭାବକବି ଗଙ୍ଗାଧର' ଶୀର୍ଷକ କବିତା ଅଛି। ଗଙ୍ଗାଧର ମେହେରଙ୍କ ଜୀବନକୁ ନେଇ ବାରମ୍ବାର ଚର୍ଚ୍ଚା କରାଯାଉଥିବା ଦାରିଦ୍ର୍ୟ ପ୍ରସଙ୍ଗ ଏହି କବିତାରେ ମଧ ରହିଛି କିନ୍ତୁ କବି ବିଦ୍ୟୁତପ୍ରଭା ତାକୁ ବିଶେଷ ମହତ୍ତ୍ୱ ପ୍ରଦାନ କରିନାହାନ୍ତି। ଗଙ୍ଗାଧର କେମିତି ସବୁ ପ୍ରକାର ବିରୋଧାଭାସକୁ ଅତିକ୍ରମ କରିଛନ୍ତି ଏବଂ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ତାହାହିଁ ତାଙ୍କତ ପ୍ରକୃତ ପରିଚୟ। କବିଙ୍କ ଭାଷାରେ –

**ଅନ୍ଧ ରାଇଜରେ ସ୍ୱଟିକ ଦର୍ପଣ**
**ମରୁକୋଳେ ଅବା ସୁଶ୍ୟାମଳ ତୃଣ**
**ଝଡ଼ ଦେଶେ ଯଥା ସ୍ଥିର ଦୀପ ଛବି**
**ଏଇ ରାଇଜେ ତଥା ଜନ୍ମ ତବ କବି(ସ୍ୱଭାବକବି ଗଙ୍ଗାଧର)**

ଉତ୍କଳର ସାରସ୍ୱତ ପ୍ରତିଭା କେବଳ କବି ପ୍ରତିଭା ମଧରେ ସୀମିତ ହୋଇ ନାହିଁ ବରଂ ଏଥିରେ ସାମ୍ବାଦିକ, ଜନସେବକ, ସୁଶାସକ, ବୈଜ୍ଞାନିକ ସମସ୍ତଙ୍କୁ ପ୍ରତିଭା ଭାବରେ ବିବେଚନା କରାଯାଇଛି। ଏ ସମ୍ପର୍କରେ ସୁଧାଂଶୁ ଶେଖର ରାୟଙ୍କ ମନ୍ତବ୍ୟ ଉଲ୍ଲେଖନୀୟ-"ଯେକୌଣସି ମାନବିକ ମହନୀୟତା ଦ୍ୱାରା ଯଦି କାହାରି ବ୍ୟକ୍ତିତ୍ୱ ସମୃଦ୍ଧ ଓ ସମୁଜ୍ଜ୍ୱଳ ହୋଇଥାଏ ଏବଂ ବ୍ୟକ୍ତିତ୍ୱଗତ ସେଇ ମହନୀୟତା ଦ୍ୱାରା ସେ ଯଦି ନିଜ ଦେଶ ଓ ସମାଜର ଅଶେଷ ଉପକାର ସାଧନ କରି ନିଜ ମାତୃଭୂମିର ଉନ୍ନତି ବିଧାୟକ ହୋଇପାରନ୍ତି ତାହେଲେ ସେଇ ମହନୀୟତା ହିଁ ପ୍ରତିଭା ରୂପେ ଖ୍ୟାତି ଲାଭ କରିବାକୁ ଯୋଗ୍ୟ ବୋଲି ବିବେଚିତ ହୋଇପାରେ"।(ରାୟ୧୯୯୯:୮୯) ଏହିଭଳି ଭାବେ ବିଦ୍ୟୁତପ୍ରଭାଙ୍କ ଏହି ଗ୍ରନ୍ଥକୁ ଓଡ଼ିଶାର ବରପୁତ୍ରମାନଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କୁହାଯାଇପାରେ।

**କନକାଞ୍ଜଳୀ(୧୯୪୮):**

କବି ବିଦ୍ୟୁତ ପ୍ରଭା ଦେବୀ ମୂଳତଃ ଜଣେ ପଲ୍ଲୀଚେତନାର ରୂପକାର ଭାବରେ ପରିଚିତ। ତାଙ୍କ କବିତାର ଛତ୍ରେଛତ୍ରେ ପ୍ରକୃତିର ଉପସ୍ଥିତିକୁ ହୃଦୟଙ୍ଗମ କରିହୁଏ। ତେଣୁ ଆଲୋଚକ ନିତ୍ୟାନନ୍ଦ ଶତପଥି ବିଦ୍ୟୁତପ୍ରଭା ଦେବୀଙ୍କୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଉତ୍ତରାଧିକାରୀ ବୋଲି ମତପ୍ରଦାନ କରି ଲେଖିଛନ୍ତି – "କବି ନନ୍ଦକିଶୋରଙ୍କ ପରେ ଶ୍ରୀ ଗୋଦାବରୀଶ ମିଶ୍ର, ମାନସିଂହ, ପ୍ରାଣକୃଷ୍ଣ ସାମଲ, ସଚ୍ଚିଦାନନ୍ଦ, କୁଞ୍ଜବିହାରୀ, କୃଷ୍ଣଚନ୍ଦ୍ର ପ୍ରମୁଖ କବିମାନେ ଗଭୀର ଆସକ୍ତିର ସହିତ ପଲ୍ଲୀ ପ୍ରତି ଦୃଷ୍ଟିପାତ କରିଥିଲେ ମଧ ନନ୍ଦକିଶୋରଙ୍କ ପଲ୍ଲୀଭାବନାର ପ୍ରତିଟି ଦିଗ ଓ ଦୃଷ୍ଟିକୋଣ ପ୍ରତି ବିଦ୍ୟୁତପ୍ରଭାଙ୍କ ପରି ଅନ୍ୟ କେହି ଏତେ ନିରବଚ୍ଛିନ୍ନ ମମତା ପ୍ରକାଶ କରି ନାହାନ୍ତି। ଏପରିକି କବି ନନ୍ଦକିଶୋରଙ୍କ କାବ୍ୟ-ସୂଚନା ଉପରେ ଶ୍ରୀମତୀ ବିଦ୍ୟୁପ୍ରଭା ପଲ୍ଲୀଜୀବନକୁ ଚିହ୍ନି ଚିହ୍ନାଇବାରେ ବେଳେ ବେଳେ ଅଧିକ ଅଗ୍ରସର ହୋଇଛନ୍ତି। ତେଣୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ପଲ୍ଲୀକବି ନନ୍ଦକିଶୋରଙ୍କ କାବ୍ୟପରମ୍ପରାର ଉତ୍ତର ସାଧିକା ଭାବେ ଚିହ୍ନିତ କରାଯାଇ ପାରେ"।(ଶତପଥୀ୧୯୭୯:୪୪୫) ସେହି ଦୃଷ୍ଟିରୁ ବିଚାର କଲେ କନକାଞ୍ଜଳୀ ହେଉଛି ଏକ ପଲ୍ଲୀଚେତନାଶ୍ରିତ ସାର୍ଥକ କବିତା ଗ୍ରନ୍ଥ। ସମୁଦାୟ ୨୨ଗୋଟି କବିତାକୁ ନେଇ କନକାଞ୍ଜଳୀ ପୁସ୍ତକ ସଂକଳିତ। ବିଦ୍ୟୁତ ପ୍ରଭାଦେବୀଙ୍କ ଜୀବନୀ ଲେଖକ ସୁଧାଂଶୁ ଶେଖର ରାୟ କୁହନ୍ତି- 'କନକାଞ୍ଜଳି' ପ୍ରଧାନତଃ ପଲ୍ଲୀଜୀବନ ସଂପର୍କୀୟ କବିତାର ଗୁଚ୍ଛଟିଏ । ଏହି କବିତା ମାନଙ୍କରେ ବିଛାଡି ହୋଇ ରହିଛି ସ୍ନେହ ଓ ସୌହାର୍ଦ୍ଦ୍ୟରେ ଭରା କେତୋଟି ଦୃଶ୍ୟ। ଠାଏ ଠାଏ ଦିଅର ଭାଉଜର ନିରୀହ ଥଟ୍ଟା ତାମସା ଗାଉଁଲି ଜୀବନର ଛବିରେ ଘନିଷ୍ଠତାର ରଙ୍ଗ ବୋଳି ଦେଇଛି। ଏଥିରେ ପୁଣି ଅଛି ଗାଁର ପର୍ବ ପର୍ବାଣୀର ଅତି ବିଚିତ୍ର ବର୍ଣନା"।(ରାୟ୧୯୯୯: ୯୮) ତେବେ ଏହି କବିତା ପୁସ୍ତକରେ ସ୍ଥାନିତ କବିତା ଗୁଡ଼ିକ ହେଉଛି – 'ମାଆ', 'ଅବସରେ ପାନ୍ଥ', 'ରଜକମେଇ', 'ମାଣବସା', ଦୀପାବଳୀ, ପ୍ରଥମାଷ୍ଟମୀ, କୁଆଁର ପୁନିଅଁ, ସୁଆରୀ ଡାକ, ଘଟେ ତରୁଣୀ, 'ନବବଧୂ', 'ବର୍ଷାରାଗ', 'ପହଲି ଲୀଳା', 'ବିଡମ୍ବନା', 'ବୈଶାଖ', 'ହେମନ୍ତ ଲକ୍ଷ୍ମୀ', 'ପୁଷ୍ପସଭା', 'ସାଥି', 'ବାସ୍ତନିକା, 'ଅଶୋକ ସ୍ତବକ', 'ରୁଦ୍ରକାନ୍ତି', 'ନାରୀ, ପରଶ'। 'ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ସିଂହ ଦେଓ ଅଷ୍ଟମଲ୍ଲୀକାଧୀଶ'ଙ୍କୁ ଏହି ଗ୍ରନ୍ଥ ଉତ୍ସର୍ଗ କରାଯାଇଥିବା ବେଳେ ଅଭିମତ ଲେଖିଛନ୍ତି ମାୟାଧର ମାନସିଂହ। ଅଭିମତରେ ସେ ଲେଖିଛନ୍ତି –"ଏହି ତରୁଣୀ କବିଙ୍କ ଲିଖନୀରେ ପ୍ରତିଭାର ପ୍ରାକୃତିକ ପ୍ରବାହର ସାବଲୀଳତା ସୁସ୍ପଷ୍ଟ। ନିଜର ରୁକ୍ଷ ପାରିପାର୍ଶ୍ୱିକତା ଭିତରେ ଯାହା କିଛି ସୁନ୍ଦର ମଧୁର ଓ ଚିତ୍ତସ୍ପର୍ଶୀ ତାହା ଧରି ରଖିବା ପାଇଁ କବିଙ୍କର ଦରଦୀ ହୃଦୟ ଓ ଉତ୍ସାହୀ କଳ୍ପନା ମଧ ଅଛି। କନକାଞ୍ଜଳୀର ଅଧିକାଂଶ କବିତା ପର୍ବପର୍ବାଣୀ ଆଶ୍ରିତ ଓ ଋତୁଚିତ୍ର ବର୍ଣ୍ଣିତ। ପୂର୍ବ କବିତା ଗୁଡ଼ିକରେ ଦେଶମାତୃକାର ବନ୍ଦନା, ସାରସ୍ୱତ ପୁରୁଷ ଓ ଜନସେବକଙ୍କ ସ୍ମୃତିଚାରଣ ପ୍ରତି ଗୁରୁତ୍ୱାରୋପ ଦେଖିବାକୁ ମିଳିଥିବା ବେଳେ ଏହି ସଂକଳନରେ ପାରିପାର୍ଶ୍ୱିକ ପ୍ରକୃତିର ନାନ୍ଦନିକ ଉପସ୍ଥାପନ ଗୁରୁତ୍ୱପୂର୍ଣ୍ଣ।"

ଜନନୀ ଓ ସନ୍ତାନର ବାତ୍ସଲ୍ୟ ଭାବନାରେ ପରିପୃଷ୍ଟ 'ମାଆ' କବିତା ହେଉଛି ଏହି ସଂକଳନର ପ୍ରଥମ କବିତା। ଭଗବାନଙ୍କ ଆରାଧନାରେ ସ୍ୱର୍ଗ ମିଳେ ନାହିଁ ବରଂ ଜନନୀର ସ୍ନେହରେ ହିଁ ସ୍ୱର୍ଗର ସୁଖଶିରୀ ମିଳେ। ସେହି ମାଆଙ୍କ ଅତୁଟ ସ୍ନେହକୁ କହିବାକୁ ଯାଇ କବି ବିଦ୍ୟୁତପ୍ରଭା ଦେବୀ ପଲ୍ଲୀ ଜୀବନର ଏକ ପ୍ରାଣବନ୍ତ ରୂପକୁ ଅଙ୍କନ କରିଛନ୍ତି –

**ବରଷା ରାତେ ଯେବେ ଅଡୁଆ ଲଗାଇଲି**
**ଧରି ତା କାନି**


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଗାଇଥିଲା ଥିରି ଥିରି ବେଙ୍ଗୁଲି ନାନୀ ଗୀତ**
**ମୋ ମନ ଜାଣି**
**କେତେ ଯେ ରଜା ଘର କାହାଣୀ ଶୁଣାଇଲା**
**ହରି ମୋ ଚିତ୍ତ**
**ପଡିଲି ଶୋଇ ତାର କୋଳେ ମୁଁ ଶୁଣୁ ଶୁଣୁ**
**ବରଷା-ଗୀତ। (ମାଆ)**

'କନକାଞ୍ଜଳି'ରେ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀକୁ ନେଇ ରଚନା ହୋଇଥିବା କବିତାମାନ ରହିଛି। ପ୍ରତ୍ୟେକ କବିତାରେ ପାର୍ବଣ ସମୟର ଉତ୍କଳୀୟ ଚିତ୍ର ଓ ତନ୍ମଧ୍ୟରେ ଓଡ଼ିଆ ଜନମାନସ ଭୋଗୁଥିବା ସୁଖ, ଦୁଃଖ, ମିଳନ ବିରହର ଅନୁଭବକୁ ପ୍ରକାଶ କରିଛନ୍ତି। ପ୍ରବାସୀ ଓଡ଼ିଆ ଯୁବକକୁ ଫଗୁଣରେ ସ୍ୱଦେଶକୁ ଫେରିବା ପାଇଁ ଆସିଥିବା ନିଜଲୋକର ଚିଠି, ଚିଠି ପଢ଼ି ନିଦ ହଜେଇଥିବା ହଳେ ଆଖିକୁ ନେଇ ଅତ୍ୟନ୍ତ ସମ୍ବେଦନଶୀଳ ଭାବରେ 'ଅବସରେ ପାନ୍ଥ' କବିତାରେ ବର୍ଣ୍ଣନା କରଯାଇଛି। ଅଭାବପଣ ଯେଉଁ ବିରହର ଯାତନା ଦିଏ, ଦେଶାନ୍ତରୀ କରାଏ, ନିଜ ଘରେ ନିଜକୁ କୁଣିଆର ଅନୁଭବ ଦିଏ ସେହି ଭାବକୁ ନେଇ ରଚିତ ଏହି କବିତା ଜୀବନ୍ତ ଭାବରେ ପ୍ରାଣକୁ ସ୍ପର୍ଶକରେ। ଘରଛାଡ଼ି ରହୁଥିବା ଯୁବକର ବ୍ୟଥିତ ହୃଦୟର ଭାବାବେଗକୁ ପ୍ରତିପାଦନ କରିବାକୁ ଯାଇ କବି ଲେଖିଛନ୍ତି –

**ମୋ ନେତ୍ରେ ଉଠିଲା ଭାସି ମୋ ଗାଁର ଝରଣା ପର୍ବତ**
**ମାଟି ଘରେ ସରଗର ମାୟା**
**ଭାଳି ଫୁଲି ଉଠୁଥିଲା ପରବାସୀ ତରୁଣ ମୋ ହିଆ। (ଅବସରେ ପାନ୍ଥ)**

କବିତାରେ ଋତୁଚିତ୍ର ନୂଆଁ ନୁହେଁ। କବିତା ସହିତ ଋତୁ ବର୍ଣ୍ଣନା ପ୍ରାରମ୍ଭ କାଳରୁ ହୋଇ ଆସୁଛି। କିନ୍ତୁ ବିଦ୍ୟୁତପ୍ରଭାଙ୍କ ଋତୁଚିତ୍ର ବର୍ଣ୍ଣନାରେ ମଧ୍ୟ ପଲ୍ଲୀଦୃଷ୍ଟି ନିହିତ। ବର୍ଷା ରାଗ, ବୈଶାଖ, ହେମନ୍ତ ଲକ୍ଷ୍ମୀ, ବାସନ୍ତିକା ପରି କବିତାରେ ଋତୁଚିତ୍ରର ବର୍ଣ୍ଣନା ଦେଖିବାକୁ ମିଳେ। ଏହି କବିତାମାନଙ୍କ ମଧ୍ୟରେ 'ବର୍ଷାରାଗ' ଏକ ହୃଦୟସ୍ପର୍ଶୀ କବିତା। ବର୍ଷାକାଳୀନ ଦୃଶ୍ୟ ସହ ପଲ୍ଲୀ ଜୀବନର ନିରୁତା ଅନୁଭୂତିକୁ କବି ଏହି କବିତାରେ ଲେଖିଛନ୍ତି-

**ବାରିଦ ଘୋଟି ଆସେ ଗଗନେ**
**ବିଜୁଳି ମାରେ ଚାଇଁ ଚାଇଁ ଯୋ**
**ଭବନେ ହୁଏ ମାତା ଭବିତା**
**ଘରେ ମୋ ଧନମଣି ନାଇଁ ଯୋ (ବର୍ଷାରାଗ)**

କାନକାଞ୍ଜଳି କବିତା ଗ୍ରନ୍ଥଟି କବି ବିଦ୍ୟୁତପ୍ରଭାଦେବୀଙ୍କ ପଲ୍ଲୀପ୍ରୀତି ଓ ପ୍ରକୃତି ଅନୁରାଗର ଏକ କମନୀୟ ଆଲେଖ୍ୟ। ପଲ୍ଲୀଜୀବନର ପର୍ବପର୍ବାଣୀ, ଋତୁଚିତ୍ର, ପ୍ରକୃତି, ପାରିବାରିକ ସମ୍ପର୍କ, ସାମାଜିକ ଜୀବନ ପ୍ରଭୃତି ତାଙ୍କ ଲେଖନୀରେ ମନୋଜ୍ଞ ଭାବରେ ଚିତ୍ରିତ ହୋଇଛି। ପ୍ରକୃତିର ମଧୁର ଭାବନାରେ ସେ ନିଜ କବିତ୍ୱକୁ ନିମଜ୍ଜିତ କରିଦେଇଛନ୍ତି।

**ମରୀଚିକା(୧୯୪୮) :**

ବିଦ୍ୟୁତ ପ୍ରଭାଙ୍କ କବି ଜୀବନର ଉତ୍ତରଣ ଦେଖିବାକୁ ମିଳେ 'ମରୀଚିକା' କବିତା ସଂକଳନରେ। ଏହା ପୂର୍ବରୁ ରଚିତ ଗ୍ରନ୍ଥ ତ୍ରୟୀରେ ଜାତୀୟତାବୋଧର ଉଦ୍ଦୀପନା, ରୋମାଣ୍ଟିକ ଭାବନାର ଉଚ୍ଛ୍ୱାସ ଦେଖିଥିଲେ କିନ୍ତୁ 'ମରୀଚିକା'ରେ ଲେଖିକାଙ୍କ ପରିପକ୍ୱ ଜୀବନବୋଧ ଓ ବାସ୍ତବତା ଚିତ୍ରଣର ନିଖୁଣତାକୁ ଉପଲବ୍ଧି କରିଥାଉଁ। ଈଶ୍ୱର, ସ୍ୱର୍ଗ, ପାରିଜାତ, ଅପ୍ସରୀକୁ ଅସ୍ୱୀକାର କରି ମର୍ତ୍ତ୍ୟର ସୁଷମାରେ ବିଭୋର ହେବାର ଶାବ୍ଦିକ ପ୍ରତିବାଦରେ ଏଥିର କବିତାଗୁଡ଼ିକ ପରିପୁଷ୍ଟ। ମଣିଷ ଜୀବନର ବେଦନା, ଶତ ଲାଞ୍ଛନାର କାବ୍ୟିକ ଅଭିବ୍ୟକ୍ତି ମାର୍ମିକ ଭାବରେ ପ୍ରକାଶ ପାଇଛି। ଏହି କବିତା ବହିର ଅଭିମତ ଲେଖିଛନ୍ତି ରାଧାମୋହନ ଗଡ଼ନାୟକ। ବିଦ୍ୟୁତପ୍ରଭାଙ୍କ ଅନ୍ୟ ବହିର ଅଭିମତଠାରୁ ଏହି ବହିର ଅଭିମତ ଅତ୍ୟନ୍ତ ବଳିଷ୍ଠ। ଏହା କେବଳ କବିଙ୍କ ପ୍ରଶଂସାରେ ଶତମୁଖ ନୁହେଁ କି ଆଶୀର୍ବଚନ ନୁହେଁ। କବିତା ସମ୍ପର୍କରେ କବି ରାଧାମୋହନ କୁହନ୍ତି - ମରୀଚିକା କେତୋଟି ଗୀତିକବିତା(Lyrics)ର ସମଷ୍ଟି। ଏ ଖଣ୍ଡିକ ତାଙ୍କର ନୂତନ ନୁହେଁ। ଆଉ କେତେ ଖଣ୍ଡି ପ୍ରକାଶିତ ପୁସ୍ତିକା ଅଛି- ସବିତା, ଉତ୍କଳ ସାରସ୍ୱତ ପ୍ରତିଭା, ଓ କନକାଞ୍ଜଳୀ। ସେଗୁଡିକରେ ଯେଉଁ ଦୃଷ୍ଟିକୋଣର ପରିଚୟ ମିଳେ ତାହାଠାରୁ ମରୀଚିକା ଭିନ୍ନ ଧରଣର। ଜଗତର ବିଳାସ ଆମୋଦରେ ମଜ୍ଜି ନଯାଇ ହୃଦୟ ବିଭୋର ହୋଇଛି ସମ୍ବେଦନଶୀଳତାରେ, ଢଳି ପଡ଼ିଛି ଦୁନିଆର ଦୁଃଖ, ବ୍ୟଥା, ଅଭାବ ଅନୁତାପ ଓ ଅଶ୍ରୁ ଆଡ଼କୁ। ତେଣୁ ସେ ପ୍ରଥମେ ଈଶ୍ୱରଙ୍କୁ ଅର୍ଘ୍ୟ ଦେଇଛନ୍ତି ମନର ବିକ୍ଷୋଭ। ସ୍ୱର୍ଗ ପ୍ରତି ବିମୁଗ୍ଧ ନହୋଇ ଚାହିଁଛନ୍ତି ଏଇ ଧରିତ୍ରୀ, ଏଇ ପ୍ରକୃତି, ଏଇ ସଂସାରକୁ।" ପୁଣି କୃଷ୍ଣଚନ୍ଦ୍ର କରଙ୍କ ଛୋଟ କବିତା କିମ୍ବା କବିତାଂଶ ମଧ୍ୟ ଅଭିମତ ରୂପେ ପ୍ରକାଶ ପାଇଛି।

କଳ୍ପନା କବିର ମୁଖ୍ୟ ଆୟୁଧ ହେଲେ ମଧ୍ୟ କଳ୍ପନାରେ ବିଚରଣ କରିବା କବିର ଧର୍ମ ନୁହେଁ। କଳା ପାଇଁ କଳା ନୁହେଁ ବରଂ ଜୀବନ ପାଇଁ କଳାର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିଭଳି ସିଦ୍ଧାନ୍ତକୁ ବିଶ୍ୱାସ କରୁଥିବା କବିଙ୍କୁ ପ୍ରଗତିବାଦୀ ଚେତନାର କବି ଭାବେ ଗ୍ରହଣ କରାଯାଇଥାଏ। ଏହି ଚେତନାର କବିମାନେ କଳାର ରମଣୀୟତା ସହିତ କଳାର ସର୍ଜନଶୀଳ ଗୁଣାବଳୀକୁ ମଧ୍ୟ ହୃଦୟଙ୍ଗମ କରିଥାନ୍ତି। ବିଦ୍ୟୁତପ୍ରଭା ଦେବୀଙ୍କ ମରୀଚିକାକୁ ପ୍ରଗତିଶୀଳ ଚେତନାର ଏକ ସାର୍ଥକ ଗ୍ରନ୍ଥ କୁହାଯାଇପାରିବ। ବିଳାସୀ କବି କବିତାରେ ସ୍ୱପ୍ନ ରାଇଜରେ ଆତ୍ମମୁଗ୍ଧ ଜୀବନକୁ ଆପଣାଇ ନେଇଥିବା ସ୍ୱପ୍ନଭୁକ କବିଙ୍କ ପ୍ରତି ତୀବ୍ର ବିଦ୍ରୋହର ସ୍ୱର ଉତ୍ତୋଳନ କରିଛନ୍ତି। ସଚ୍ଚିରାଉତ ରାୟ ତାଙ୍କ ସମାକାଳୀନ ସ୍ୱପ୍ନବିଳାସୀଙ୍କୁ କଠୋର ସମାଲୋଚନା କରି କହିଥିଲେ – **"ଆରେ ଆରେ ପଳାୟନ ପନ୍ଥୀ/ ପଳାଇବୁ ଆଜି କାହିଁ ଛିନ୍ନ କରି ଧରଣୀର ଗ୍ରନ୍ଥି/ ଲୁଚିବୁ ବା କାହିଁ / ମୃତ୍ତିକାର ଏତେ ଦାବି / ପାରିବୁ କି ତୁ ଆଜି କଟାଇ? / କାହିଁ ଭୀରୁ ନେବୁରେ ଆଶ୍ରୟ / ତୋର ସେଇ କୁଞ୍ଜବନ ଦେଇ କି ସେ ପାରିବ ଅଭୟ?** ଅନୁରୂପ ଭାବରେ ବିଦ୍ୟୁତପ୍ରଭା ଦେବୀଙ୍କ ବିଳାସୀ କବି କବିତାରେ ବାସ୍ତବତା ବିମୁଖ କବିଙ୍କ ପ୍ରତି କଠୋର ବାଣୀ ଶୁଣାଇଛନ୍ତି –

**ତୋରା ଚଇତାଳି ଚପଳ ବିଳାସେ**
**ଭାସିଲେ କି ହେବ କବି**
**ନ ଫୁଟିଲା ଯେବେ ଲେଖନୀରେ ତବ**
**ବ୍ୟଥାର କରୁଣ ଛବି। (ବିଳାସୀ କବି)**

ଏହି ସଂକଳନର ପ୍ରଥମ କବିତା ଦୁଃଖୀର ଖେଦରେ ନିଷ୍ପେସିତ ପ୍ରାଣ ପ୍ରତି ସ୍ରଷ୍ଟା ହୃଦୟର ଦରଦ ଦେଖିବାକୁ ମିଳେ। ଈଶ୍ୱରଙ୍କୁ ଅଭିଯୁକ୍ତ କରି କାଠଗଡ଼ାରେ ଠିଆ କରି କବି ସାଧାରଣ ଦୁଃଖୀ ରଙ୍କିଙ୍କର ଅଧିବକ୍ତା ପରି ଯୁକ୍ତି ବାଢ଼ିଛନ୍ତି। ଦୁଃଖୀର କରମରେ କେବଳ ଭଗବାନଙ୍କ ନାମ ଜପି ଜପି ଜୀବନର ସବୁ ଦୁଃଖ କଷ୍ଟ ସହିଯିବା ଲେଖା ଅଛି କି? ହରି ଥାଉ ଥାଉ ଯଦି ଭକ୍ତଟିଏ ବ୍ୟଥା ପାଇଲା ତେବେ ସେ ଭକ୍ତିର ମୂଲ୍ୟ କଣ? ଦୁଃଖ ହରଣ କରି ପାରୁ ନଥିବା ଈଶ୍ୱରର ନାମ ଦୁଃଖନାଶନ କାହିଁକି? ଏହିପରି ପ୍ରଶ୍ନବାଣରେ ଭଗବାନଙ୍କୁ କ୍ଷତାକ୍ତ କରି ପକାଇଛନ୍ତି। ଭକ୍ତି ଆରାଧନା ସବୁକୁ ବୃଥା କହି ଲେଖିଛନ୍ତି –

**ଅର୍ଥହୀନ ଏ ଚନ୍ଦନ ଫୁଲ ଅତର**
**ଋଷି ବିରଚିତ ମନଗଢ଼ା ପୋଥି ପତର**
**ପାଷାଣ ମୂରତି ସ୍ତୋତ୍ର ଶଙ୍ଖ ବିଷାଣ**
**ପୂଜନ ଆରତି ଦେଉଳ ରଙ୍ଗ ନିଶାଣ। (ଦୁଃଖୀର ଖେଦ)**


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସ୍ୱାଧୀନତା ପରବର୍ତ୍ତୀ କାଳର କବିତା ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ବିଶେଷ ଗୁରୁତ୍ୱ ଦେଇଥିଲା। ଫଳରେ କବିତାରେ କବିର ଅପ୍ରତିହତ ଅନ୍ୱେଷଣ ଓ ଜୀବନାନୁଭୂତିରୁ ଭୋଗିଥିବା ଆଶା, ନିରାଶା, ସଂଶୟ, କ୍ଳାନ୍ତି, ଅସହାୟତା ସ୍ଥାନ ପାଇଲା। ଜଗତ ଯାକର ଯନ୍ତ୍ରଣାକୁ ନିଜ ଭିତରେ ଅନୁଭବ କରିବା ହିଁ ଏହିପରି କାବ୍ୟିଚେତନାର ମୁଖ୍ୟ ବିଶେଷତ୍ୱ। ବିଦ୍ୟୁତପ୍ରଭା ଦେବୀଙ୍କ କବିତାରେ ଏହି ଆତ୍ମବୋଧ ଦେଖିବାକୁ ମିଳିଥାଏ। ବିଶ୍ୱର ଦୁଃଖକୁ ନିଜ ଭିତରେ ଆତ୍ମସ୍ଥ କରିବା ଏବଂ ନିଜର ଅନୁଭବକୁ ବିଶ୍ୱମୁଖି କରିବାର କବିତ୍ୱ ଏହି ସଂକଳନରେ ଦେଖିବାକୁ ପାଇଥାଉ। କବି ଲେଖିଛନ୍ତି -

**ଜଗତେ ମୋର କି ଯାଏ ଆସେ**
**ଦୁଃଖେ ଅବା ସୁଖେ**
**ଏତିକି ଜାଣେ ବିଶ୍ୱ ଜୀବ**
**ମିଶଇ ମୋର ବୁକେ। (ଧୂଳି)**

କବି ବିଶ୍ୱମଣିଷର ପ୍ରତିନିଧି ହେଲେ ହେଁ ତାର ମଧ ଜୀବନ ଅଛି। ତାର ସୁଖ ଅଛି, ଦୁଃଖ ଅଛି। ସେହି ଦୁଃଖ ସହ ଅନ୍ତରଙ୍ଗ ହୋଇ କବି କବିତା ରଚନା କଲେ ବିଶ୍ୱ ମଣିଷ ତାକୁ ଅନୁଭବ କରିପାରେ। ମରୀଚିକା କବିତାରେ କବି ବିଦ୍ୟୁତପ୍ରଭାଙ୍କ ଆତ୍ମସ୍ୱୀକାରୋକ୍ତି ମୂଳକ ଅଭିବ୍ୟକ୍ତି ଶୁଣିବାକୁ ମିଳେ। ଏହାକୁ କବିଙ୍କ ଜୀବନ ବିଦ୍ୟାଳୟରୁ ଶିଖିଥିବା ଗଭୀର ଜୀବନ ଦର୍ଶନ ମଧ କୁହାଯାଇ ପାରେ। ବ୍ୟଥାତୁର କବି ନିଜର ଅସହାୟତାବୋଧକୁ ନେଇ ଲେଖିଛନ୍ତି-

**ଅନ୍ତର ବ୍ୟଥାଟି ମୋର**
**ଦୁନିଆଁରେ କେହି ନାହିଁ ଜାଣେ**
**ବେଦନାର ଇତିହାସ**
**ନିଜେ କହି ନିଜେ ମୁଁ ଯା ଶୁଣେ। (ଦୁର୍ବା)**

ମରୀଚିକା କବିତା ସଂକଳନଟି ବିଦ୍ୟୁତପ୍ରଭା ଦେବୀଙ୍କ ଏକ ଆଧୁନିକ ଚିନ୍ତା ଚେତନା ସମ୍ବଳିତ ଗ୍ରନ୍ଥ। ଏଥିରେ କବି ହେବାର ବାସନା ନାହିଁ କିମ୍ବା କଳ୍ପନା ବିଳାସର ଚାତୁର୍ଯ୍ୟ ନାହିଁ ନିରୁତା ମଣିଷପଣିଆର ଦରଦରେ କବିତାଗୁଡ଼ିକ ରସସିକ୍ତ। କଳ୍ପନାର ସ୍ତାବକ ନହୋଇ ବାସ୍ତବତାର ପୂଜାରୀ ସାଜିଛନ୍ତି।

**ବିହାୟସୀ(୧୯୪୯) :** ପୂର୍ବରୁ କୁହାଯାଇଛି ଯେ ଆଲୋଚକଙ୍କ ଦୃଷ୍ଟିରେ ବିଦ୍ୟୁତପ୍ରଭା ନନ୍ଦକିଶୋର ବଳଙ୍କ ଯୋଗ୍ୟ ଉତ୍ତରାଧିକାରୀ। ପ୍ରକୃତି ଓ ପଲ୍ଲୀଜୀବନର ଚିତ୍ରକୁ ନେଇ ରଚନା କରାଯାଇଥିବା ବିହାୟସୀ କବିତା ତାର ଜ୍ୱଳନ୍ତ ନିଦର୍ଶନ। ପଲ୍ଲୀପ୍ରାଣତା ସହିତ କବିତା ସଂକଳନରେ ଅଛି ଯୌବନର ମୂର୍ଚ୍ଛନା, ମିଳନର ଶାଶ୍ୱତ କାମନା, ବିରହର ଯନ୍ତ୍ରଣା। ସମୁଦାୟ ୨୩ଟି କବିତାକୁ ନେଇ ସଂକଳିତ ଏହି ଗ୍ରନ୍ଥର କବିତାଗୁଡ଼ିକ ହେଉଛି-ସ୍ୱାଗତ, ପ୍ରଭାତ ସଙ୍ଗୀତ,ମାୟାବିନୀ, ମିଳନର ରାଗ, କାବ୍ୟନାୟିକା, ଗ୍ରୀଷ୍ମ ଦିଏ ଗୋ ଜାଳି, ଶେଷ ମେଲାଣି, କବି ପ୍ରେୟସୀ, ପ୍ରତୀକ୍ଷା, ନାଲି କଇଁ, କିଏ ତୁମେ, ବିସ୍ମୃତ ଗାଥା, ତୁମେ ଓ ମୁଁ, ମୁଁ ଓ ତୁମେ, ଜ୍ୟୋତ୍ସ୍ନା, ଶାଶ୍ୱତୀ, ନିଶାନ୍ତେ, ଦୁର୍ଲଭର ପୂଜା, ଆହ୍ୱାନ, ବର୍ଷାସ୍ମୃତି, ଉପମା, ଖଦ୍ୟୋତିକା, ଉଷା-ଉଷସୀ। ବହିର ଆରମ୍ଭରୁ କୃଷ୍ଣଚନ୍ଦ୍ର କରଙ୍କ **'ଅସୀମ ଅୟନେ ବିହାୟସୀ ଯାଏ ଉଡ଼ି/ ଅନ୍ତର ତଳେ ଦୟିତ ମମତା/ ନିବିଡ଼େ ଥାଏ ତା ବୁଡ଼ି'** କବିତା ପଂକ୍ତି ସନ୍ନିବେସିତ ହୋଇଛି। ମୁଖବନ୍ଧ ରଚନା କରିଛନ୍ତି ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ। ତାଙ୍କ ଦୃଷ୍ଟିରେ ଜୀବନର ଆନନ୍ଦ ଓ ବିଷାଦକୁ ଦୁଇଟି କୁସୁମ ରୂପେ 'ବିହାୟସୀ' କବିତାରେ ଗୁନ୍ଥା ହୋଇଛି। ସେ ମୁଖବନ୍ଧରେ କୁହନ୍ତି - "ଏହି କବିତାଗୁଡ଼ିକରେ ଚକ୍ଷୁ ହଠାତ ଝଲସାଇ ଦିଏ ଛନ୍ଦର ଗୋଟିଏ ଚେତନାମୟ ସ୍ପର୍ଶ, ପ୍ରକାଶଭାଙ୍ଗୀର ସ୍ପନ୍ଦନ ଓ ଭାଷାର ସହଜ ସରଳ ବିନ୍ୟାସ।" ଏକା ବର୍ଷରେ ମରୀଚିକା ଓ ବିହାୟସୀ କବିତା ସଂକଳନ ରଚିତ ହୋଇଥିଲେ ମଧ ଭାବ ଦୃଷ୍ଟିରୁ ଉଭୟ ପରସ୍ପର ବିପରୀତମୁଖୀ। ପ୍ରଥମଟି ମାନବବାଦରେ ଅଭିଷିକ୍ତ ତ ଅନ୍ୟଟି ରୋମାଣ୍ଟିକ ଚେତନାରେ ରସାପ୍ଳୁତ। ଏହି ସଂକଳନର ପ୍ରଥମ କବିତା ସ୍ୱାଗତ ଓ ମରୀଚିକା ସଂକଳନର ବିଳାସୀ କବିପରସ୍ପର ବିରୋଧୀ ମନେ ହୁଅନ୍ତି। ବିଳାସୀ କବିତାରେ ଯେଉଁଠି ସେ କବିକୁ ଜୀବନର ବାସ୍ତବତା ପ୍ରତି ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ ସ୍ୱାଗତ କବିତାରେ ନୂତନ ଫଗୁଣର ସ୍ନିଗ୍ଧ ଛବି ଅଙ୍କିବାକୁ ନିମନ୍ତ୍ରଣ ଦେଉଛନ୍ତି।

**ପୁଷ୍ପ ତଳପ ଛାଡ଼ି ଉଠିଆସ କବି**
**ତୁମକୁ ଡାକୁଛି ନୂଆଁ ଫଗୁଣର**
**ସ୍ନିଗ୍ଧ ଗୋଲାପୀ ଛବି**
**ଡାକୁଛି ଗନ୍ଧ ବକୁଳ ଚମ୍ପା ମଲ୍ଲୀ**
**ପ୍ରଭାତ ଅନିଳେ ଦୋହଳି ଡାକଇ ବଲ୍ଲୀ**
**ମଧୁମାଳତୀର ମଞ୍ଜରୀ ଡାକେ ନାଇଁ –**
**ହେ ନବୀନ କବି ଲେଖନୀ ଅୟସେ**
**ଆଙ୍କି ଯାଅ ମୋ ଛଇ (ସ୍ୱାଗତ)**

ଏହି କବିତାରୁ ହିଁ କବିଙ୍କ ଦୃଷ୍ଟିଭଙ୍ଗୀ ଜଣାପଡେ। ବିହାୟସୀର କବିତା ଗୁଡ଼ିକରେ ପ୍ରେମ, ପ୍ରଣୟ ଓ ସ୍ୱପ୍ନପ୍ରବଣ ଭାବର ଉତ୍ତାଳ ଢେଉ ଦୃଶ୍ୟମାନ ହୋଇଥାଏ। ଏହି ସମ୍ପର୍କରେ ସୁଧାଂଶୁ ଶେଖର ରାୟ କୁହନ୍ତି – "ବିଦ୍ୟୁତପ୍ରଭାଙ୍କ କବିତାରେ ଦେଶାତ୍ମବୋଧ ପର୍ବ ପରେ ଦେଖାଦେଲା ପ୍ରକୃତି ଓ ପଲ୍ଲୀର ପର୍ବ। ଗୋଟାଏ ଦୃଷ୍ଟିରୁ ଦେଖିଲେ ତାଙ୍କ ଦେଶାତ୍ମବୋଧ ମୂଳକ କବିତାରେ ରହିଛି ଅତୀତର ଯେଉଁ ଓଜସ୍ୱୀ ଉଦ୍‌ବୋଧନ ତାହା ମଧ ରୋମାଣ୍ଟିକତାର ଅଙ୍ଗବିଶେଷ, କାରଣ ଅତୀତର ମୋହ ଓ ଅତୀତର ଆକର୍ଷଣ ମଧ ରୋମାଣ୍ଟିକତାର ଏକ ପ୍ରଧାନ ବୈଶିଷ୍ଟ୍ୟ"।(ରାୟ ୧୯୯୯:୯୧) ବିଦ୍ୟୁତପ୍ରଭାଙ୍କ କାବ୍ୟଯାତ୍ରା ମଝିରେ ମଝିରେ ସମାଜ ଚେତନା ପ୍ରତି ଆକୃଷ୍ଟ ହୋଇଥିଲେ ସୁଦ୍ଧା ତହିଁରେ ନିରନ୍ତରତା ନାହିଁ। ରୋମାଣ୍ଟିକ ଭାବନା ତାଙ୍କୁ ପ୍ରାୟତଃ ଆକ୍ରାନ୍ତ କରି ରଖିଥିଲା। ମାୟାବିନୀ କବିତାରେ ରୋମାଣ୍ଟିକ ଭାବନାର ଉଚ୍ଛ୍ୱାସକୁ ଅନୁଭବ କରାଯାଇ ପାରେ –

**ତୁମେ କି କୋକିଳ ପଞ୍ଚମତାନ**
**ଘନ ନିର୍ଜନ ବନରେ**
**ନିଖିଳ ଶ୍ରବଣ ପ୍ରିୟ ଗୋ**
**ତୁମେ କି ମଳୟ ମର୍ମରଗାନ**
**କୋଟି ବୁଭୁକ୍ଷୁ ମନରେ**
**ରସସୁଧା ଦିଅ ଭରି ଗୋ? (ମାୟାବିନୀ)**

**ବନ୍ଦନିକା(୧୯୫୦) :** ବନ୍ଦନିକାରେ ସମୁଦାୟ ୧୯ଟି କବିତା ଗୁନ୍ଥା ହୋଇଛି। ଏହି ବହିର ପ୍ରଚ୍ଛଦ ଆଙ୍କିଛନ୍ତି ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା ଏବଂ ଜଗବନ୍ଧୁ ମହାପାତ୍ର ଏହି ଗ୍ରନ୍ଥରେ ଅଭିମତ ରଖିଛନ୍ତି। ପ୍ରକୃତିର ବନ୍ଦନା ସହ ବିପ୍ଳବର ଆହ୍ୱାନର ସୁସମନ୍ୱୟ ବନ୍ଦନିକା କବିତା ସଂକଳନରେ ଦେଖିବାକୁ ମିଳିଥାଏ। କବି ବିଦ୍ୟୁତପ୍ରଭାଙ୍କ କବିତାରେ ପ୍ରକୃତିପ୍ରେମ ରହିଥିଲେ ମଧ ତାହା ପରମ୍ପରାନୁସାରୀ ନୁହେଁ ବରଂ ତହିଁରେ ଲେଖିକାଙ୍କ ସ୍ୱତନ୍ତ୍ର ଚାତୁରୀ ଦେଖିବାକୁ ମିଳିଥାଏ। ଏହି ଗ୍ରନ୍ଥର ମୁଖବନ୍ଧରେ ବିଦ୍ୟୁତପ୍ରଭାଙ୍କ କବିତାର ବୈପ୍ଳବିକ ଚେତନା ସମ୍ପର୍କରେ କୁଞ୍ଜବିହାରୀ ଦାଶ ଲେଖଛନ୍ତି- "ଦୁଃଖିନି ବିଧବା ଭଉଣୀଟି ପ୍ରତି ମନର ମମତା-ଅଶ୍ରୁ ପଡ଼ିଛି ଝରି। ରିକ୍ସାବାଲାର ଦୁଃଖରେ କବି ହୋଇଛନ୍ତି ଆତ୍ମହରା। ଲକ୍ଷ ଲକ୍ଷ ଦୀନଦୁଃଖୀ ପୀଡିତ ପେଷିତ ତାଙ୍କ ଅନ୍ତରେ ତୋଳିଛନ୍ତି କରୁଣ ରାଗିଣୀ। ସେଠି କବି ପ୍ରକୃତିର ସ୍ତାବକ ନହୋଇ ହୋଇଛନ୍ତି ମଣିଷର ପୂଜାରୀ। ଜ୍ୟୋତ୍ସ୍ନା ଅପେକ୍ଷା ଅନ୍ଧାର ବଡ଼, ଯେ ତା'ର ପ୍ରସାରିତ ବକ୍ଷରେ ଲକ୍ଷ ଲକ୍ଷ ଦୁର୍ଭାଗ୍ୟଙ୍କୁ ଆଶ୍ରୟ ଦିଏ। ହାସ୍ୟ ଅପେକ୍ଷା ହୋଇଛି ଅଶ୍ରୁ ବଡ଼, ଯେ ଦୁଃଖୀର


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ବେଦନାକୁ ଧାରାଦିଏ।" ସମାଜର ମଣିଷ ମଣିଷ ମଧ୍ୟରେ ରହିଥିବା ନାନା ଭେଦ ପ୍ରତି ରିକ୍ସାବାଲାର ମନରେ ଉଜ୍ଜୀବିତ ହୋଇଛି ବିପ୍ଳବର ଆଗ୍ନେୟ ସ୍ୱପ୍ନ। ଦୁର୍ବଳ ଅସ୍ଥି ଉପରେ ସବଳର ନିର୍ମମ ଅତ୍ୟାଚାର ବିରୁଦ୍ଧରେ ଉତ୍ତୋଳନ କରି ରିକ୍ସାବାଲାର ଅଭିବ୍ୟକ୍ତିକୁ କବି ମୁକ୍ତକଣ୍ଠରେ ଉପସ୍ଥାପନ କରିଛନ୍ତି-
ମାନବ ଜଗତେ କିମ୍ପା

**ଏତେ ଭେଦ ହେ ବିଧାତା ତବ**
**ନିଶବଦେ କହୁଁ କହୁଁ**
**ହେଲା ସିକ୍ତ ନୟନ ପଲ୍ଲବ**
**ପଦପିଷ୍ଟ ଦୁର୍ବା ସମ**
**କେତେ ଦିନ ମଥାଟି ତା ନଇଁ**
**ବିଶ୍ୱପଥେ ବଞ୍ଚିବ ସେ**
**ସ୍ୱର୍ଥହୀନ ବ୍ୟଥା ଖାଲି ସହି(ରିକ୍ସାବାଲା)**

ବନ୍ଦନିକା ବିପ୍ଳବ ସ୍ୱରରେ ଝଙ୍କୃତ। ଦୁର୍ବଳ ଉପରେ ସବଳର ଅତ୍ୟାଚାର, ନିଷ୍ପେସିତ ପ୍ରାଣର ହାହାକାର ଏବଂ ମଣିଷପଣିଆର ଜୟଗାନ ଏଥିରେ ଦେଖିବାକୁ ମିଳିଥାଏ। ଏହି ସଙ୍କଳନରେ ପ୍ରକୃତିର ଉପସ୍ଥିତିକୁ ଅସ୍ୱୀକାର କରାଯାଇ ନପାରେ କିନ୍ତୁ ସମାଜର ଅବହେଳିତ ପ୍ରାଣ ପାଇଁ କବି ହୃଦୟର ବ୍ୟଥା ହିଁ ଏହି କବିତା ସଂକଳନର ମୁଖ୍ୟସ୍ୱର। ବିଳାସ କଳ୍ପନା କବିତାରେ କବି ଜଗତକୁ ଗଢୁଥିବା ସାଧାରଣ ମଣିଷ ଉଦ୍ଦେଶ୍ୟରେ ଲେଖନ୍ତି –

**ରକତ ଢାଳେ ଯେ ବିସୋରୀ ଆପଣା ସୁଖ**
**ତା ପାଇଁ ତୁମରି ଲେଖନୀ ରହିଲା ମୁକ।**
**ଦିନେ ତ ତା ନୁଆଁଣି କୁଟିରେ ଚାହିଁ**
**ଜନ ସମ୍ମୁଖେ ପଦିଏଁ ଗାଇଲ ନାହିଁ (ବିଳାସ କଳ୍ପନା)**

କବି କୌଣସି ସୀମାରେଖାର ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ହୋଇ ରହେ ନାହିଁ। ପ୍ରକୃତ କବିର ଲେଖନୀ ବିଶ୍ୱ ଜୀବନ ପାଇଁ ଚିରକାଳ ସମର୍ପିତ। ମାଟିଦୀପ କବିତାରେ କବି ବିଦ୍ୟୁତପ୍ରଭାଙ୍କ ଦୃଷ୍ଟି ବିଶ୍ୱମୁଖି ହୋଇଛି। ମାଟିଦୀପ ନିଜେ ଅନ୍ଧାର ଭିତରେ ଥାଇ ଜଗତକୁ ଆଲୋକିତ କଲା ପରି ମଣିଷ ମଧ୍ୟ ସକଳ ପ୍ରତିକୂଳତା ମଧ୍ୟରେ ଥାଇ ଅନୁକୂଳ ବାତାବରଣ ସୃଷ୍ଟି କରିପାରେ। ତେଣୁ କବି କୁହନ୍ତି -

**ବିଶ୍ୱ ସେବାର ମୂର୍ତ୍ତ ପ୍ରତୀକ ପରି**
**ନିଜ ପରିସର ଘନ ଅନ୍ଧକାରେ ଭରି**
**ସଳିତାର ଦାହେ ଜୀବନକୁ କରି କ୍ଷୟ**
**ନୀରବେ ଜଣାଏ  ତ୍ୟାଗର ବିରାଟ ଜୟ। (ମାଟି ଦୀପ)**

'ନର-ନାରୀ' କବିତାଟି ଭିନ୍ନ ଶୈଳୀର ରଚନା। ଏଥିରେ ସେ ନାରୀ-ପୁରୁଷଙ୍କୁ ପରସ୍ପର ସହଯୋଗୀ ଭାବରେ ଉଲ୍ଲେଖ କରିଛନ୍ତି। ଉଭୟଙ୍କୁ ପରସ୍ପର ପରିପୂରକ ଦେଖାଇବା ପାଇଁ କବି ଯେଉଁ ଗଭୀର ଅନ୍ତର୍ଦୃଷ୍ଟିର ପ୍ରୟୋଗ କରିଛନ୍ତି ତାହା ବିଚାରଯୋଗ୍ୟ। ଜଣେ ଦୀପ ହେଲେ ଆଉ ଜଣକ ଶିଖା, ଜଣେ ତୂଳୀ ହେଲେ ଆଉ ଜଣକ ରଙ୍ଗ, ଜଣେ ସିନ୍ଧୁ ହେଲେ ଆଉ ଜଣେ ଢେଉ, ଜଣେ ବେଣୁ ହେଲେ ଆଉ ଜଣେ ବେଣୁର ତାନ ଏହିଭଳି ଭାବେ ସେ ନର-ନାରୀଙ୍କୁ ପରସ୍ପରକୁ ବିଶେଷିତ କରନ୍ତି ବୋଲି ଲେଖିଛନ୍ତି। ଉଭୟଙ୍କ ସଂଯୋଗରେ ବିଶ୍ୱ ଦୀପ୍ତିମନ୍ତ ହୁଏ। କବିଙ୍କ ଭାଷାରେ –

**ନର ଭାବ, ନାରୀ ରସ**
**ଏକ ଧୂପ ଆରେକଟି ଗନ୍ଧ**
**ନର ଗୀତି, ନାରୀ ସ୍ୱର**
**ନର କାବ୍ୟ ନାରୀ ତାର ଛନ୍ଦ। (ନାରୀ-ନର)**

'ସ୍ମୃତି' ପ୍ରତିଟି କବିକୁ ଭାବବିହ୍ୱଳ କରିଥାଏ। ଏମିତିକି ସ୍ମୃତି ସାଧାରଣ ମଣିଷକୁ ମଧ୍ୟ ଜୀବନଯାକ କବଳିତ କରି ରଖେ। ଅତୀତ ପ୍ରୀତି ସବୁଜ ଚେତନାର ଏକ ମୁଖ୍ୟ ବିଶେଷତ୍ୱ ମଧ୍ୟ। ବିଦ୍ୟୁତପ୍ରଭାଙ୍କ ଏହି ସଂକଳନରେ ଶୈଶବପ୍ରୀତି ଓ ବାର୍ଦ୍ଧକ୍ୟ ଭୀତିକୁ ଆଧାର କରି କବିତା ରହିଛି।

**ମନେପଡେ ସେ ଦିନଟି**
**ଶୈଶବର ସେ ମଧୁଖେଳ**
**ଥିଲି ଯେବେ ଅତି ଶିଶୁ**
**ଅତିଦୁଷ୍ଟ ଅତି ହିଁ ଚପଳ**
**ରଚୁଥିଲି ଧୂଳିଘର**
**ଗାଉଥିଲି ପ୍ରାଣ ଭରି ଗାନ**
**ଆସର ସଙ୍ଗୀତଧାର**
**ନଥିଲା ଯା ସ୍ୱର ଲୟ ମାନ**
**ସେ ଦିନ ଗୋ ନାଇଁ ଆଉ ଆଜି**
**ସମୟର ସ୍ରୋତେ ତାହା କେଉଁ ଆଡେ ଯାଇ ଅଛି ଭାଜି(ସ୍ମୃତି)**

ବନ୍ଦନିକା ସଙ୍କଳନରେ ପ୍ରେମ ଓ ବିପ୍ଳବ ଉଭୟେ ଏକ ସରଳରେଖାରେ ବାଟ ଚାଲୁଥିବାର ଦେଖିବାକୁ ମିଳେ। ଏହି ପ୍ରେମକୁ ପଳାୟନପନ୍ଥୀ ବୋଲି ଆଖ୍ୟାୟିତ କରାଯାଇ ପାରିବ ନାହିଁ। କାରଣ ଏହା ଜୀବନରୁ ପଳାୟନ ନୁହେଁ ଏହା ଜୀବନକୁ ପଳାୟନ

**ସ୍ୱପ୍ନଦୀପ(୧୯୫୧) :** ସ୍ୱପ୍ନଦୀପ ହେଉଛି କବିଙ୍କ ଏକ ପ୍ରେମମୂଳକ କବିତା ସଂକଳନ। ଏହି ପ୍ରେମମୂଳକ କବିତାଗୁଡ଼ିକର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଯେ କବି ନିଜ ବୈବାହିକ ଜୀବନର ପରବର୍ତ୍ତୀ ସମୟର ପ୍ରେମକୁ ଏଥିରେ କବିତା ରୂପରେ ପରିପ୍ରକାଶ କରିଛନ୍ତି। ସମୁଦାୟ ୧୩ଟି କବିତା ନେଇ ଏହି ପୁସ୍ତକ ସଂକଳିତ। 'ସ୍ୱପ୍ନଦୀପ' ସଙ୍କଳନର ପ୍ରତ୍ୟେକଟି କବିତା ପରସ୍ପର ସହ ସମ୍ବନ୍ଧିତ। ନାଟକଟିଏ ପରି ଦୃଶ୍ୟ ପରେ ଦୃଶ୍ୟ ସଂଯୋଜିତ ହୋଇ ନାରୀର ବୈବାହିକ ଜୀବନକୁ ମାର୍ମିକ ଭାବରେ ପରିପ୍ରକାଶ କରିଛନ୍ତି। ଏହି ସଂକଳନରେ ପ୍ରକାଶିତ କବିତା ଗୁଡ଼ିକ ହେଉଛି ବାଡୁଅ ସ୍ମୃତି, କନ୍ୟା ବିଦାୟ, ଯାତ୍ରାପଥ, ବଧୂ ପ୍ରବେଶ, ବାସର ରାତି, ମାଟି କୁଡ଼ିଆ, ପହିଲି ଚିଠି, ପଲ୍ଲୀ ପ୍ରେମ, ଜିଜ୍ଞାସା, ଶଯ୍ୟା ତ୍ୟାଗ, ଉପାୟନ, ବନ୍ଧୁବିଦାୟ। "ବିସ୍ମୟର କଥା ଯେ ବିଦ୍ୟୁତ୍‌ପ୍ରଭାଙ୍କର ପ୍ରାୟ ସମସ୍ତ ପ୍ରେମ କବିତା ତାଙ୍କ ବିବାହ ପରବର୍ତ୍ତୀ ଜୀବନରେ ରଚିତ। ଅଥଚ ସେଗୁଡିକ ମଦିରତାରେ ଅପରୂପ। ସେ ଗୁଡିକର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ। ସେ ସବୁ କବିତାରେ ରୂପ ପାଇଛି ପ୍ରେମର ଯେଉଁ ସ୍ପନ୍ଦନ ଓ ଶିହରଣ, ପ୍ରେମର ଯେଉଁ ଆବେଗ ଓ ପ୍ରଗାଢତା ତାହା ପାଠକ ପାଠିକାର ଚିତ୍ତକୁ କି ଏକ ମାଦକତାପୂର୍ଣ ଆନନ୍ଦରେ ରୋମାଞ୍ଚିତ କରେ''(ରାୟ୧୯୯୯:) ସ୍ୱପ୍ନଦୀପ ହେଉଛି ସଂସାର କରିବାକୁ ବାହାରିଥିବା ଗୋଟେ ଝିଅର ଆତ୍ମକାହାଣୀ। ମିଳନ ପୂର୍ବର ଆଶଙ୍କା, ମଧୁର ମିଳନର ଆନନ୍ଦ ଓ ବିଚ୍ଛେଦଜନିତ ଆତୁରତା ଏହି କବିତାର ତିନୋଟି ମୁଖ୍ୟ ଦିଗ। 'ବାଡୁଅ ସ୍ମୃତି' କବିତାରେ ନବଯୌବନ ପ୍ରାପ୍ତ ଗୋଟେ ଝିଅର ଅତୀତରେ ଭୋଗିଥିବା ତିକ୍ତ-ମଧୁର, ଯଶଅପଯଶ ପୂର୍ଣ୍ଣ ସ୍ମୃତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। କବିଙ୍କ ଭାଷାରେ ଯେ ଦିନ ଯାଇଛି ହଜି କନ୍ଦାଇ ମୋ ବାହାର ଭିତର ସେ ଯେବେ ଆସନ୍ତା ଫେରି ଦିଅନ୍ତା ଏ ପ୍ରଶ୍ନର ଉତ୍ତର।(ବାଡୁଅ ସ୍ମୃତି)

**ଝରାଶିଉଳି(୧୯୫୨) :** ପ୍ରିୟ ଓ ପ୍ରିୟାର ଅନାବିଳ ପ୍ରେମାଳାପରେ ରସସିକ୍ତ ଏହି କବିତା। ଏଥିରେ ଅଛି ଯୌବନର ସ୍ୱପ୍ନପ୍ରବଣ ମାଦକତା, ପୁଣି ଆଗାମୀ କାଲିର ନିର୍ମମ


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସତ୍ୟକୁ ଆଦରି ନେବାର ଉଦାରତା। ନିଜେ କବି ସ୍ୱୀକାର କରିଛନ୍ତି- "ପ୍ରଥମ ଯୌବନର ଚୋରାମଳୟରେ ମନର ନିଭୃତ ଉଦ୍ୟାନରେ ଯେଉଁ କଢ଼ଗୁଡ଼ିକ ଦିନେ ହସିବାର ଆକାଂକ୍ଷା ଘେନି କଳମୁଖରିତ ବସନ୍ତର ସ୍ୱପ୍ନ ଦେଖୁଥିଲା-ସେ ସ୍ୱପ୍ନ ଆଜିର ଏଇ ପ୍ରଣୟ ରୋମାଞ୍ଚ ଜୀବନରେ ସତ୍ୟ ହୋଇଛି। କାଳର ଧର୍ମାନୁଯାୟୀ ଏଇ ଗୁଡ଼ିକ ଯେ ଦିନେ ନିର୍ମମ ବୈଶାଖର ଆଗ୍ନେୟ ନିଶ୍ୱାସରେ ବୃନ୍ତବିଲୁଣ୍ଠିତ ହୋଇ ଧରଣୀର ଏଇ ରୁକ୍ଷ ଧୂଳି ଶେଯରେ ଝରି ପଡିବେ, ଏହାର ସତ୍ୟତା ଯେ ନିତ୍ୟାନ୍ତ ଅଜ୍ଞ, ଏପରି ନୁହେଁ" ଏ ସ୍ୱୀକାରୋକ୍ତି ସହଜ ମନେ ହେଉଥିଲେ ମଧ୍ୟ ସହଜ ନୁହେଁ। ଜୀବନର ଅଳୀକତାକୁ ଜାଣି ବି ଜୀବନକୁ ଭଲ ପାଇବା, ସ୍ୱପ୍ନଭଙ୍ଗର ନିଷ୍ଠୁର ବାସ୍ତବତା ପ୍ରତି ସଚେତନ ଥାଇ ବି ସ୍ୱପ୍ନ ଦେଖିବା, ଗଙ୍ଗଶିଉଳି ଝରି ଯିବ ଜାଣି ବି ତା ମୋହରେ ପଡିବା ହିଁ ସବୁଠୁ ବଡ଼ କଥା। କାରଣ ସବୁ ସରିଯିବ, ମରିଯିବ, ହଜିଯିବ କିନ୍ତୁ ସତେଜ ହୋଇ ରହିଥିବ ସେହି ସବୁକୁ ଭୋଗିବା ସମୟର ସ୍ମୃତି। ସେତକ ହିଁ ଜୀବନର ପ୍ରାପ୍ୟ। କବି ପୁଣି କବିତାର ଆଭିମୁଖ୍ୟ ଓ ବିଷୟବସ୍ତୁ ସମ୍ପର୍କରେ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି-"ଖୁବ ନିକଟ ଅତୀତର ସ୍ମୃତି ଆଜି ସ୍ୱପ୍ନ ପରି ମନେହୁଏ-ଆଷାଢ଼ର ଏକ ବର୍ଷା ବିହ୍ୱଳ ତମସ୍ୱିନୀର ଘନାୟମାନ ଅନ୍ଧକାର ଭିତରେ ତୁମର ଆଉ ମୋର ଚାକ୍ଷୁଷ ମିଳନ ଘଟିଥିଲା ଏକ ଚଳାୟମାନ ଯାତ୍ରୀବହୁଳ ଆଗ୍ନେୟରଥର ଉଜ୍ଜ୍ୱଳ ଆଲୋକମଣ୍ଡିତ କକ୍ଷ ଭିତରେ। ସେହି ମିଳନାନନ୍ଦ ମୁହୂର୍ତ୍ତଠାରୁ ଆଜି ପର୍ଯ୍ୟନ୍ତ ଏଇ ସୁଖଦୁଃଖମୟ ପଲ୍ଲୀକୁଟୀର ଭିତରେ ଯେତେ ଯେତେ ଛୋଟ ଛୋଟ ଘଟଣା ସରୁ ସରୁ ଗଡ଼ାଣିଆ ସୁଅପରି ଆମର ବହିଯାଇଚି, ସେଇଗୁଡ଼ିକ ହିଁ ଏଇ କବିତାବଳୀର ପ୍ରତିପାଦ୍ୟ ବିଷୟବସ୍ତୁ।" କବିତାର ସମୁଦାୟ ସତେଇଶଟି ଭାଗ ରହିଛି। ପ୍ରତ୍ୟେକ କବିତାରେ ଯୌବନର ଜୟଗାନ ଶୁଣିବାକୁ ମିଳେ। ଯେମିତିକି -

**ପ୍ରିୟ-ଏଇ ତୁଷାରିତ ଜୀବନର ଚିର ଶୀତ ଭୂମେ ଗୋ**
**ଦିନେ କଅଁଳିଆ ଖରା ପରି ଲାଗୁଥିଲ ତୁମେ ଗୋ**
**ପ୍ରିୟା – ନବ ଯଉବନ-ଗ୍ରନ୍ଥର ମଧୁ ମୁଖବନ୍ଧେ**
**ପ୍ରିୟ ତୁମକୁ ମୁଁ ଦେଖିଥିଲି ସୁଲଳିତ ଛନ୍ଦେ।**

**ସଞ୍ଚୟନ:** ସଞ୍ଚୟନ ହେଉଛି କବି ବିଦ୍ୟୁତପ୍ରଭାଙ୍କ ପ୍ରକାଶିତ କବିତା ଗ୍ରନ୍ଥମାନଙ୍କର ଏକ ସଂକଳନ। ୧୯୫୭ ମସିହାରେ ଏହା ପୁସ୍ତକ ଆକାରରେ ପ୍ରକାଶ ଲାଭ କରିଥିଲା। ଏହି ପୁସ୍ତକ ସମ୍ପର୍କରେ ବିଦ୍ୟୁତପ୍ରଭାଙ୍କ ସ୍ୱାମୀ ପଞ୍ଚାନନ ମହାନ୍ତିଙ୍କ ଆତ୍ମଜୀବନୀରୁ ସବିଶେଷ ବିବରଣୀ ମିଳିଥାଏ। ସେଥିରୁ ଜଣା ଯାଏ ଯେ ବିଦ୍ୟୁତପ୍ରଭାଙ୍କ ପ୍ରକାଶିତ କବିତା ସଂକଳନକୁ ଏକତ୍ରିତ କରିବା ପାଇଁ ତାଙ୍କ ବାପାଙ୍କ ପ୍ରବଳ ଆଗ୍ରହ ରହିଥିଲା। ତେଣୁ ସେ ବିଭିନ୍ନ ଲେଖକଙ୍କ ପରାମର୍ଶ ଲୋଡ଼ିଥିଲେ। ଅନେକ ବ୍ୟକ୍ତି ବିଦ୍ୟୁତପ୍ରଭାଙ୍କ ବୟସକୁ ବିଚାର କରି ଏହା ଏକ ହାସ୍ୟାସ୍ପଦ କଥା ହେବ ବୋଲି ମନ୍ତବ୍ୟ ଦେଇଥିଲେ। କୌଣସି ଲେଖକର ଗ୍ରନ୍ଥାବଳୀ ତାର ଜୀବିତ ଅବସ୍ଥା ହେବା ଅପେକ୍ଷା ମରଣଉର ଭାବରେ ପ୍ରକାଶ ପାଇବା ଉଚିତ କହି ଏହି ପ୍ରସ୍ତାବକୁ ଅସ୍ୱୀକାର କରିଥିଲେ। କିନ୍ତୁ ବିଦ୍ୟୁତପ୍ରଭା ଦେବୀଙ୍କ ବାପା କାହାରି କଥାରେ ପ୍ରଭାବିତ ନହୋଇ ସଞ୍ଚୟନ କାମ କରିଥିଲେ। ଏ ସଂପର୍କରେ ପଞ୍ଚାନନ ମହାନ୍ତିଙ୍କ ଆତ୍ମଜୀବନୀରେ ଉଲ୍ଲେଖ ଅଛି। "ଶ୍ୱଶୁର କିନ୍ତୁ ଅଟଳ । ମୋତେ ଥରେ ସେ ଯାହା କହିଥିଲେ ତାହା ଏପର୍ଯ୍ୟନ୍ତ ମୋର ସଠିକ୍ ମନେ ଅଛି। ସେ କହିଲେ, " ଆମ ଜାତି ସେପରି ଗୁଣ ଚିହ୍ନି ସମ୍ମାନ ଦବା ଅବସ୍ଥାକୁ ଆସି ନାହିଁ । ଯାହା କରିବା କଥା ଏବେଠୁଁ କରିବା ଭଲ । ମୁଁ ବଞ୍ଚିଛି ସେ ଦିଗରେ ସାହାଯ୍ୟ କରିପାରିବି। ତୁମେ ପାରିବ ନାହିଁ । ସ୍ତ୍ରୀ ପାଇଁ ସୁପାରିସ୍ କରିବାକୁ ତୁମକୁ ଭଲ ଲାଗିବ ନାହିଁ । ମୁଁ ବାପ ପୁଣି ବୁଢ଼ା, ମୋତେ ଲାଜ ନାହିଁ । ଅନ୍ୟମାନେ ଈର୍ଷାରେ ଏପରି କହୁଛନ୍ତି। ଆମକୁ ଯେପରି ହେଉ ଏ କାର୍ଯ୍ୟ କରିବାକୁ ହବ।"(ମହାନ୍ତି୨୦୦୬:୨୬୧) ଏହି ପୁସ୍ତକ ପ୍ରକାଶନ କ୍ଷେତ୍ରରେ କବି ମାୟାଧର ମାନସିଂହଙ୍କ ଭୂମିକା ମଧ୍ୟ ଅତୁଳନୀୟ। ସେ ହିଁ ଗ୍ରନ୍ଥର ନାମ ସଂଚୟନ ରଖିବାକୁ ପରାମର୍ଶ ଦେଇଥିଲେ। 'ସଞ୍ଚୟନ' କବିତା ସଂକଳନରେ ସମୁଦାୟ ଏଗାର ଗୋଟି ଭିନ୍ନଭିନ୍ନ ଭାବଧାରା ସଂକଳିତ କବିତାବଳୀର ସମାହାର ଦେଖିବାକୁ ମିଳିଥାଏ। ପ୍ରତିଟି ଭାଗରେ ଶୀର୍ଷକ ରହିଛି ଏବଂ ପ୍ରତିଟି ଶୀର୍ଷକ ଏକ ଏକ କ୍ଷୁଦ୍ର କବିତା- ଚୟନିକା । ଏହି କବିତା ଚୟନିକାରେ ନିର୍ଦ୍ଦିଷ୍ଟ ଭାବଧାରାଶ୍ରୟୀ କବିତାମାନ ସଂଯୋଜିତ ହୋଇଛି । ଯଥା:-୧) ଲୋକାୟନ, ୨) ପଲ୍ଲୀପଥେ, ୩) ସୁନ୍ଦର ଏ ଧରା, ୪) ପ୍ରିୟ ବାଣୀ, ପ୍ରିୟା ବାଣୀ, ୫) ଗାଥା, ୬) ଶ୍ରଦ୍ଧାଞ୍ଜଳି, ୭) ଖଦ୍ୟୋତିକା, ୮) ଭକ୍ତିମାଲ୍ୟ, ୯) ଗଦ୍ୟ କବିତା, ୧୦) ଯାହାକୁ ଯିଏ, ୧୧) କଅଁଳ ଜୀବନେ। ଏହି ଗ୍ରନ୍ଥଟି ବିଦ୍ୟୁତ୍‌ପ୍ରଭାଙ୍କ କବି ପ୍ରତିଭାର ଉତ୍କର୍ଷ ଓ ଉତ୍ତରଣକୁ ପ୍ରକାଶ କରିବା ସହିତ ତାଙ୍କ କାବ୍ୟସ୍ୱରର ବିଭିନ୍ନ ଦିଗବିଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। କିନ୍ତୁ ନିତ୍ୟାନନ୍ଦ ଶତପଥୀ ଏହି ବିଭାଗୀକରଣକୁ କାବ୍ୟ ଆଭିମୁଖ୍ୟର ଯଥାର୍ଥତାକୁ ଅସ୍ୱୀକାର କରି କୁହନ୍ତି-"ଏ ବିଭାଗଗୁଡ଼ିକ ତାଙ୍କ ସଞ୍ଚୟନର ରଚନାବଳୀର ଏକ ସଜ୍ଜିକରଣ ହେଲେ ବି ତାଙ୍କ କାବ୍ୟ ଆଭିମୁଖ୍ୟର ଯଥାର୍ଥ ପ୍ରତିନିଧିତ୍ୱ କରିନାହିଁ । ତାଙ୍କ କାବ୍ୟ ମାନସର ଏକ ମୁଖ୍ୟ ଚେତନା କେବଳ ପଲ୍ଲୀଜୀବନ। ସେଇ ପଲ୍ଲୀର ସୁଖଦୁଃଖ, ହର୍ଷବିଷାଦ, ଆଲୋକଅନ୍ଧାର ଭିତରେ ନାରୀଜୀବନର ଚମତ୍କାର ରୂପରେଖାରେ ଏ କବିତାଗୁଡ଼ିକ ଯେତିକି ପ୍ରାଣବାନ୍ ସେତିକି ସୁଖପାଠ୍ୟ।"(ଶତପଥୀ୧୯୭୯:୪୫୪) ସମାଲୋଚକ ନିତ୍ୟାନନ୍ଦ ଶତପଥୀଙ୍କ ଏ ମନ୍ତବ୍ୟ ସହିତ ଏକମତ ହୋଇ ପାରୁନାହିଁ। କାରଣ କାବ୍ୟର ଆଭିମୁଖ୍ୟ ପଲ୍ଲୀଜୀବନ କିମ୍ବା ସହରଜୀବନ ଉପରେ ନିର୍ଭରଶୀଳ ନୁହେଁ ବରଂ ଜୀବନକୁ ନେଇ କବିର ଦୃଷ୍ଟିଭଙ୍ଗୀରେ ଥାଏ। ପଲ୍ଲୀଜୀବନକୁ ନେଇ ଏକ ରୋମାଣ୍ଟିକ ସାହିତ୍ୟ ବି ରଚନା କରାଯାଇପାରେ ଏକ ପ୍ରଗତିଶୀଳ ଚେତନାର ସାହିତ୍ୟ ବି ରଚନା କରାଯାଇପାରେ। ଠିକ ସେହିପରି ବିଦ୍ୟୁତପ୍ରଭାଙ୍କ କାବ୍ୟଦୃଷ୍ଟି ପଲ୍ଲୀଜୀବନ ପ୍ରତି ବିଶେଷ ଅନୁରକ୍ତ ହୋଇଥିଲେ ହେଁ କାବ୍ୟାନୁଭୂତି ଭିନ୍ନଭିନ୍ନ। ତେଣୁ କହିବାରେ କୌଣସି ଦ୍ୱିଧା ନାହିଁ ଯେ ସଞ୍ଚୟନରେ ରହିଥିବା ବିଭାଗୀକରଣ ବିଦ୍ୟୁତପ୍ରଭାଙ୍କ ବହୁବର୍ଣ୍ଣା କାବ୍ୟବିଭବକୁ ସୂଚିତ କରୁଛି।

ସଞ୍ଚୟନ ସଂକଳନର 'ଲୋକାୟନ' ବିଭାଗର କବିତାଗୁଡ଼ିକରେ ଜନ୍ମ, କୈଶୋର, ଯୌବନ, ବିବାହ ଓ ବଧୂଜୀବନର ସ୍ମୃତି ମଧୁର କଥା ସ୍ଥାନିତ ହୋଇଥିବା ବେଳେ ପଲ୍ଲୀ କବିତା ଆତ୍ମପ୍ରକାଶ କରିଛି 'ପଲ୍ଲୀପଥେ' ବିଭାଗରେ। ପଲ୍ଲୀଜୀବନରେ ବିଭୋର ବିଦ୍ୟୁତପ୍ରଭାଙ୍କ କାବ୍ୟ ପ୍ରତିଭା ଖୁଦୁକୁଣି, ମାଣବସା, ଦଶହରା, ରଜକମେଇ ପରି ଉତ୍କଳୀୟ ପଲ୍ଲୀ ସମାଜର ବିବିଧ ଉତ୍ସବାବଳୀର ବାସ୍ତବ ଅନୁଭୂତିକୁ ରସାଳ ଭାବରେ ପରିପ୍ରକାଶ କରିଛନ୍ତି। ସୁନ୍ଦର ଏ ଧରା ପର୍ଯ୍ୟାୟର ଛତ୍ରେଛତ୍ରେ କବିଙ୍କ ସବୁଜ ପ୍ରାଣତା ଦୃଷ୍ଟିଗୋଚର ହୋଇଥାଏ। ଏଥିରେ ପୃଥିବୀ ଓ ପ୍ରକୃତିର ସୁନ୍ଦର ଓ ରୁଦ୍ର— ଉଭୟ ରୂପର କବି ବିଦ୍ୟୁତପ୍ରଭା ଯଶୋଗାନ କରିଛନ୍ତି। 'ଗାଥା' ଶିରୋନାମାର କବିତାଚୟନିକାରେ ମହାଭାରତ ଓ ଭାଗବତର ବିଷୟ ଆଧାରରେ କତିପୟ ଗାଥା କବିତା ରଚିତ ହୋଇଥିବା ସ୍ଥଳେ ଇତିହାସରୁ ବୁଦ୍ଧଙ୍କ ଚରିତ ଏବଂ ଜାହାନାରାଙ୍କ କାହାଣୀକୁ ସେ ଚମତ୍କାର ଗାଥା ରୂପ ଦେଇଛନ୍ତି । ଖଦ୍ୟୋତିକା ବିଭାଗଟି ଗମ୍ଭୀର ହେବା ସହିତ ଅତ୍ୟନ୍ତ ପ୍ରାଣବନ୍ତ। ବିନ୍ଦୁରେ ସିନ୍ଧୁର ଅନୁଭବ କଲାପରି ଏହି ଛୋଟଛୋଟ କବିତାରେ ଜୀବନର ବଡ଼ବଡ଼ ଅନୁଭବକୁ କବି ପରିପ୍ରକାଶ କରିପାରିଛନ୍ତି। 'ଗୋଟିଏ ନିର୍ଦ୍ଦିଷ୍ଟ ଭାବକୁ ଏତେ ସୀମିତ ପରିବେଶ ଓ ସାନ୍ଦ୍ରତା ଭିତରେ ଓଡ଼ିଆ କବିତାରେ ଆଗରୁ ପ୍ରକାଶିତ କରାଯାଇ ପାରିନାହିଁ'। ( ଶତପଥୀ୧୯୭୯: ପୃ.୪୦୯) ଧରାର ମୋହରେ ନିଜର ମାଟିମନସ୍କତାକୁ ଅତ୍ୟନ୍ତ ସହଜ ଓ ସୁନ୍ଦର ଭାବରେ କବି କୁହନ୍ତି –

**ସରଗ ବିଳାସ ପ୍ରୟାସୀ ନୁହେଁ ମୁଁ**
**ପୀୟୂଷେ ନ ବଳେ ମନ**
**ନଦୀ ଜଳ ସୁଧାଧରାଟି ମୋହର**
**ଚାରୁ ନନ୍ଦନବନ।**


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଭକ୍ତିମାଲ୍ୟ' ପର୍ଯ୍ୟାୟରେ ଈଶ୍ୱରାନୁଚିନ୍ତାର କଥା ପ୍ରତିଫଳିତ ହୋଇଛି। ପ୍ରତ୍ୟେକଟି କବିତାରେ ବିଭୂପ୍ରେମ ନିକଟରେ କବିଙ୍କ ସମର୍ପଣ ଭାବ ସୁସ୍ପଷ୍ଟ। ନିଜକୁ ଜାଳି ଜଗତକୁ ଆଲୋକିତ କରିବାର ମହାର୍ଘ୍ୟ ଅନୁଭବକୁ ମିନତି କବିତାରେ ପରିପ୍ରକାଶ କରି ଲେଖିଛନ୍ତି-

**କର ମୋତେ ଛୋଟ ମାଟି ଦୀପଟିଏ**
**ଶିଖାରେ ହୃଦୟ ଦାହି**
**ହସି ହସି ସୁଖେ ଢାଳିବି ଜୀବନ**
**ନିଖିଳ ଜଗତ ପାଇଁ (ମିନତି)**

**।ପାଞ୍ଚ।**

ବିଦ୍ୟୁତପ୍ରଭା ଦେବୀ ଓଡ଼ିଆ କବିତା ରଚନା କ୍ଷେତ୍ରରେ ଜଣେ ନୈସର୍ଗିକ ପ୍ରତିଭା ସମ୍ପନ୍ନ କବି। କୌଣସି ଧରାବନ୍ଧା କାବ୍ୟଚେତନା ଦ୍ୱାରା ସେ ପ୍ରଭାବିତ ହୋଇ ସାହିତ୍ୟ ରଚନା କରି ନାହାନ୍ତି। ସତ୍ୟବାଦୀ ଧାରାର ଜାତୀୟତା ଚେତନା, ସବୁଜଧାରାର ସ୍ୱପ୍ନପ୍ରବଣତା, ପ୍ରଗତିବାଦୀ ଚେତନାର ବିପ୍ଳବାତ୍ମକ ଦୃଷ୍ଟିଭଙ୍ଗୀ ଓ ଆଧୁନିକ ଯୁଗର ବ୍ୟକ୍ତିଧର୍ମୀ ଭାବ ଚେତନା ସବୁର ସୁସମନ୍ୱୟ ହେଉଛନ୍ତି ବିଦ୍ୟୁତପ୍ରଭା ଦେବୀ। ତାଙ୍କ ସାହିତ୍ୟ ଜଗତକୁ ଅନୁଧ୍ୟାନ କଲେ ମର୍ମେମର୍ମେ ଅନୁଭବ କରିହୁଏ ଯେ  କବି ହେବାର ମୋହରେ ସେ କବିତା ଲେଖି ନାହାନ୍ତି,  ଲେଖିଛନ୍ତି ଜୀବନର ନିବିଡ଼ତମ ସାଉଁଟା ଅନୁଭବକୁ ଗଭୀର ଓ ମନୋଜ୍ଞ ଭାବରେ ପରସି ଦେବା ପାଇଁ। ତେଣୁ ସେ ରୋମାଣ୍ଟିକ କବିଙ୍କ ପରି ଅନୁଭବଗୁଡ଼ିକୁ ସ୍ୱତଃସ୍ଫୁର୍ତ୍ତ ଭାବରେ ପରିପ୍ରକାଶ କରିଛନ୍ତି। ପୁଣି ନାନା ଭାବକୁ ନେଇ କବିତା ରଚନା କରିବା ସହିତ ନାନା ଛନ୍ଦର ସଂଯୋଜନା ମଧ୍ୟ ତାଙ୍କ କବିତ୍ୱର ଅନ୍ୟଏକ ସ୍ୱତନ୍ତ୍ରତା। ରାଧାମୋହନ ଗଡ଼ନାୟକ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ  ବିଦ୍ୟୁତପ୍ରଭା ମଧ୍ୟ ନିଜ କାବ୍ୟ ଜଗତକୁ ବହୁ ଛନ୍ଦଯୁକ୍ତ କରିପାରିଛନ୍ତି। ବହୁ ଚେତନା ଓ ଶୈଳୀର ଜଣେ ସଫଳ ରୂପକାର ହୋଇଥଲେ ସୁଦ୍ଧା ବିଦ୍ୟୁତପ୍ରଭା ଦେବୀଙ୍କୁ କେବଳ ପଲ୍ଲୀଜୀବନର ଜଣେ ସାର୍ଥକ ଚିତ୍ରକର ଭାବରେ ଆଲୋଚକମାନେ ବିବେଚନା କରିଥାନ୍ତି। ତେଣୁ କୁହାଯାଇପାରେ ଯେ କବି ବିଦ୍ୟୁତପ୍ରଭା ଦେବୀଙ୍କ କାବ୍ୟସ୍ୱରର ଅନେକ ପ୍ରସ୍ଥ ଏବେ ମଧ୍ୟ ଆଲୋଚନା ଅପେକ୍ଷାରେ।

## ସହାୟକ ଗ୍ରନ୍ଥସୂଚୀ


1. ଦାଶ କୁମୁଦ ଚନ୍ଦ୍ର। *ପରମ୍ପରା ଓ ଆଧୁନିକତା*। କଟକ-୧୩: ଅକ୍ଷର; ୨୦୧୪।
2. ୨. ପାଣ୍ଡବ ଶତ୍ରୁଘ୍ନ। *ଆଧୁନିକ ଓଡ଼ିଆ କବିତା ସମୀକ୍ଷଣ*। କଟକ-୨: ନବୋଦୟ ପ୍ରକାଶନ; ୨୦୦୯।
3. ୩. ମହାନ୍ତି ସଚ୍ଚିଦାନନ୍ଦ। *ଅନ୍ୟଦୃଷ୍ଟିରେ ବିଦ୍ୟୁତ ପ୍ରଭା*। ଭୁବନେଶ୍ୱର: ପଶ୍ଚିମା; ୨୦୨୦।
4. ୪. ରାୟ ସୁଧାଂଶୁ ଶେଖର। *କବି ବିଦ୍ୟୁତପ୍ରଭା: ଜୀବନୀ ଓ ସାରସ୍ୱତ କୃତି*। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ; ୧୯୯୯।
5. ୫. ଶତପଥୀ ନିତ୍ୟାନନ୍ଦ। *ସବୁଜରୁ ସାମ୍ପ୍ରତିକ*। କଟକ: ଗ୍ରନ୍ଥମନ୍ଦିର; ୧୯୭୯।
6. ୬. ଶତପଥୀ ନିତ୍ୟାନନ୍ଦ, ସମ୍ପାଦକ। *ବିଦ୍ୟୁତପ୍ରଭା ଗ୍ରନ୍ଥାବଳୀ*। ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ। କଟକ-୨: ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୮୩।



**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.


**About the Corresponding Author**




**ଆଲୋକ ରଞ୍ଜନ ଷଡଙ୍ଗୀ** ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଜଣେ ସକ୍ରିୟ ଅଧ୍ୟାପକ। ସେ ବର୍ତ୍ତମାନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳରେ କାର୍ଯ୍ୟରତ। ତାଙ୍କର ଗବେଷଣାର ରୁଚି ଓଡ଼ିଆ କବିତା, ସାହିତ୍ୟ ସମାଲୋଚନା ଓ ଆଧୁନିକ ଓଡ଼ିଆ ସାହିତ୍ୟରେ କେନ୍ଦ୍ରିତ। ସେ ବିଭିନ୍ନ ଗବେଷଣା ପତ୍ର ଓ ସାହିତ୍ୟଚର୍ଚ୍ଚାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି।




© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/